READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର




ସାକ୍ଷୀଗୋପାଳ : ଆସୁଛି ଅଁଳା ନବମୀ ...


ବର୍ଷ-୩ ସଂଖ୍ୟା-୪୨ ୦୪ - ୧୦ ନଭେମ୍ବର, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-42 04th - 10th NOVEMBER, 2019 BHUBANESWAR ₹ 5/- (8 Pages)


### ବେଆଇନ ଗାଡି ପାର୍କିଂ ଓ ପାର୍କିଂ ଫି' ଆଦାୟ ପ୍ରସଙ୍ଗ

## କେବେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, (ତାରକ ମହାନ୍ତି) :** ବର୍ତ୍ତମାନ ସବୁକ୍ଷେତ୍ରରେ ରାଜ୍ୟ ସରକାର ୫-ଟି'କୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ କରୁଥିଲା ବେଳେ ରାଜଧାନୀର ବେଆଇନ ପାର୍କିଂ ଓ ବେଆଇନ ପାର୍କିଂ ଫି' ଆଦାୟକୁ ବନ୍ଦ କରିବା ନେଇ ସେଭଳି କିଛି ଦୃଷ୍ଟିଗୋଚର ହେଉନାହିଁ। କିଛିଦିନ ତଳେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ବେଆଇନ ପାର୍କିଂ ଫି' ଆଦାୟକୁ ନେଇ ବିଭିନ୍ନ ସଂସ୍ଥାକୁ ନୋଟିସ ଜାରି କରିଥିଲେ। ହେଲେ ଏହି ନୋଟିସର ପ୍ରଭାବ ବେଆଇନକାରୀଙ୍କ ଉପରେ କିଛିବି ପଡୁନି। କାରଣ ହେଉଛି ବିଡିଏ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟରେ ତାଳମେଳର ଅଭାବ। ଯେଉଁଥିପାଇଁ ବିଡିଏ ଯେଉଁ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହୁଁଛି ସେଥିରେ ହୁଏତ ବିଏମ୍‌ସିର ସହଯୋଗ ମିଳିପାରୁନାହିଁ। ଯେଉଁଥିପାଇଁ ବେଆଇନ ପାର୍କିଂ ଫି' ଆଦାୟ ହେଉ କିମ୍ବା ବେଆଇନ ପାର୍କିଂ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇପାରୁନି। ଏହା ଭୁବନେଶ୍ୱରର ଯେକୌଣସି ସ୍ଥାନକୁ ଗଲେ ଆପଣ ଜାଣିପାରିବେ। ପାର୍କିଂ ସମସ୍ୟା ରାଜଧାନୀର ସବୁଠାରେ ଗୁରୁତର। ଆପାର୍ଟମେଣ୍ଟ ଓ ସପିଂ ମଲ କଥା ଛାଡନ୍ତୁ, ଯୁଆଡେ ଦେଖିବେ ମନଇଛା ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆ ଯାନ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଯେଉଁଥିପାଇଁ ଦିନକୁ ଦିନ ଚଉଡା ରାସ୍ତା ଗୁଡିକ ସଙ୍କୁଚିତ ହେବାରେ ଲାଗିଛି। ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ବି ତାଙ୍କ ଗୁହାରୀ ଶୁଣିବାକୁ ପ୍ରଶାସନ ଯେଭଳି ନାରାଜ। ଫୁଟପାଥରେ ମଧ୍ୟ ବେଆଇନ ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆ ଯାନ



ଗଡୁଥିଲେ ବି ଏହାକୁ ରୋକିବା ଦିଗରେ ନା ପରିବହନ ବିଭାଗ ନା ପୋଲିସ କେହି ବି ଗୁରୁତ୍ୱ ଦେଉନାହାନ୍ତି। ରବି ଟକିଜ୍ ଛକରୁ ରାଜମହଲ ଗଲାବେଳେ ମ୍ୟୁଜିୟମ୍ ଛକରୁ କଳ୍ପନା ଛକ ପର୍ଯ୍ୟନ୍ତ ଅଟୋ ଚାଳକ ମାନେ ଯେଭଳି ରାସ୍ତାକୁ ଅକ୍ତିଆର କରି ରଖିଛନ୍ତି ତାହା ସମସ୍ତେ ଜାଣି ନଜାଣିଲା ଭଳି ହେବା ଫଳରେ ସେଠାରେ ପରିସ୍ଥିତି ଏଭଳି ହେଉଛି ଯେ, ଗୋଟିଏ ଗାଡି ଆଉ ଗୋଟିଏ ଗାଡିକୁ ଅତିକ୍ରମ କରିବା ପାଇଁ ଅନେକ ସମୟ ଯାଉଛି। କିଛିଦିନ ତଳେ ଅଟୋ ପାର୍କିଂ ପାଇଁ 'ଅଟୋ ବେ' ଚିହ୍ନଟ ହୋଇଥିଲେ ବି ଏହାର କାର୍ଯ୍ୟକାରିତା ଆଦୌ ଦେଖିବାକୁ ମିଳୁନାହିଁ। ମାଳ ମାଳ ଅଟୋରିକ୍ସା ସତେଯେମିତି ଭୁବନେଶ୍ୱର ରାସ୍ତାକୁ ଗିଳି ପକାଉଛନ୍ତି। ଏଭଳିକି 'ମୋ ବସ୍' ପାଇଁ ଯେଉଁ ଷ୍ଟପେଜ୍ ନିର୍ମାଣ କରାଯାଇଛି ତା' ସାମ୍ନାରେ ଅଟୋରିକ୍ସା ଭିଡ ଯୋଗୁ ବସ୍ ମଧ୍ୟ ନିର୍ଦ୍ଧାରିତ ସ୍ଥାନରେ ଠିଆ ହୋଇ ଯାତ୍ରୀ ଉଠାଇବା ପାଇଁ ସକ୍ଷମ ହେଉନାହାନ୍ତି। ➤ ପୃ-୬

## ସ୍ୱର୍ଗଦ୍ୱାରରୁ ହଟିବ ବିଜୁଙ୍କ ସମାଧି

**ଭୁବନେଶ୍ୱର :** ପୁରୀ ସ୍ୱର୍ଗଦ୍ୱାରରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମାଧି ସ୍ଥଳୀ ଭଙ୍ଗାଯିବ। ୧୬୦୦ ବର୍ଗଫୁଟ ଅଞ୍ଚଳରେ ଥିବା ଏହି ସମାଧି ସ୍ଥଳୀକୁ ହଟାଇ ସେହି ସ୍ଥାନକୁ ରାଜ୍ୟବାସୀଙ୍କ ସେବାରେ

### ହେବ ନବକଳେବର

ଉପଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଛି। ୨୦୧୫ ଜାନୁଆରୀ ମାସରେ କୋର୍ଟ ଏହି ଅନଧିକୃତ ନିର୍ମାଣକୁ ତୁରନ୍ତ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବେ ପୁରୀକୁ ଐତିହ୍ୟ ସହର କରିବା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଥିବାରୁ ସ୍ୱର୍ଗଦ୍ୱାରର ବିକାଶ ନିମନ୍ତେ





ଗ୍ରାଫିକ୍ସ ଚିତ୍ର : ଏଭଳି ଦିଶିବ ସ୍ୱର୍ଗଦ୍ୱାର

ସେଠାରେ ଥିବା ବିଜୁବାବୁଙ୍କ ସମାଧି ସ୍ଥଳୀକୁ ଭାଙ୍ଗିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱର୍ଗଦ୍ୱାରର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ହାଇଦ୍ରାବାଦର ଫୋଏନିକ୍ସ ଫାଉଣ୍ଡେସନ ସହାୟତାରେ ସ୍ୱର୍ଗଦ୍ୱାରରେ ଶବଦାହଠୁ ଆରମ୍ଭ କରି ଶବାହକମାନଙ୍କ ସୁବିଧା ପାଇଁ ➤ ପୃ-୬

## ୩୦ରୁ ଝାଡଖଣ୍ଡ ବିଧାନସଭା ନିର୍ବାଚନ



**ରାଞ୍ଚି,୧।୧୧ :** ଝାଡଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ବାଜିଛି ବିଗୁଲ। ଝାଡଖଣ୍ଡର ୮୧ ଆସନ ବିଶିଷ୍ଟ ବିଧାନସଭା ପାଇଁ ୫ଟି ପର୍ଯ୍ୟାୟରେ ଭୋଟିଂ ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ଭୋଟିଂ ନଭେମ୍ବର ୩୦ରେ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଡିସେମ୍ବର ୭, ତୃତୀୟ ପର୍ଯ୍ୟାୟ ପାଇଁ ଡିସେମ୍ବର ୧୨, ଚତୁର୍ଥ ପର୍ଯ୍ୟାୟ ପାଇଁ ଡିସେମ୍ବର ୧୬ ଓ ଶେଷ ପର୍ଯ୍ୟାୟ ପାଇଁ ୨୦ ତାରିଖରେ ଭୋଟିଂ ହେବ। ସେହିପରି ୨୩ ତାରିଖରେ ଭୋଟ ➤ ପୃ-୬

## ଆତଙ୍କବାଦ ପ୍ରସଙ୍ଗରେ ସହାୟତା ଲୋଡିଲେ ମୋଦି

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ସ୍ଥିତ ହାଇଦ୍ରାବାଦ ହାଉସରେ ଜର୍ମାନୀର ଚାନସେଲର ଆଞ୍ଜେଲା ମୋର୍କେଲଙ୍କୁ ଭେଟିଛନ୍ତି। ଏହି ଭେଟଘାଟ ପରେ ଦୁଇ ଦେଶର ଶୀର୍ଷ ନେତା

### ଭାରତ-ଜର୍ମାନୀ ମଧ୍ୟରେ ୨୦ ଚୁକ୍ତି ସ୍ୱାକ୍ଷରିତ

ମିଳିତ ଅଭିଭାଷଣ ରଖିଛନ୍ତି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ୨୦ଟି ବିଭିନ୍ନ କ୍ଷେତ୍ରରେ ଚୁକ୍ତି ହୋଇଛି। ଅତ୍ୟାଧୁନିକ ବୈଷୟିକ ଜ୍ଞାନ, ସାଇବର ସିକ୍ୟୁରିଟି, ନଦୀ ଗୁଡିକୁ ପରିଷ୍କାର କରିବା, କୋଷ୍ଟାଲ ମ୍ୟାନେଜମେଣ୍ଟ, ପରିବେଶ ସୁରକ୍ଷା ଆଦି ୨୦ଟି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଚୁକ୍ତି ହୋଇଛି। ଆତଙ୍କବାଦ ପ୍ରସଙ୍ଗରେ ଜର୍ମାନୀର ସହଯୋଗ ଲୋଡିଛନ୍ତି ମୋଦି। ମୋଦି-



ମୋର୍କେଲ ଭେଟଘାଟ ବେଳେ ଦେଶରେ ପ୍ରତିରକ୍ଷା କ୍ଷେତ୍ରରେ ନିବେଶ ପାଇଁ ଜର୍ମାନୀର ଉଦ୍ୟୋଗପତିଙ୍କୁ ମୋଦି ଆହ୍ୱାନ କରିଥିଲେ। ସେହିପରି ଦେଶର ଶିକ୍ଷା କ୍ଷେତ୍ରରେ ଜର୍ମାନୀ ସହଯୋଗ କରିବ ବୋଲି ମୋର୍କେଲ କହିଛନ୍ତି। ୨୦୨୨ ସୁଦ୍ଧା ଦେଶକୁ 'ନ୍ୟୁ ଇଣ୍ଡିଆ'ର ରୂପ ଦେବାର ଅଛି। ଜର୍ମାନୀର ବୈଷୟିକ ଜ୍ଞାନ ଏବଂ ଅର୍ଥନୀତି ଭାରତର ସ୍ୱପ୍ନକୁ ➤ ପୃ-୬

### ବକ୍ରବାଣୀ



ଗାଡି ଘୋଡା ସବୁ କେତେ ସଜେଇ
ନେତା ଆଇଲେଣି ବାଜା ବଜେଇ
ପୌରାଞ୍ଚଳ ଭୋଟ ହାତେଇବାକୁ
ଯାତରା କଲେଣି ମନ ନବାକୁ
ଜନ ସମ୍ପର୍କକୁ ଟାଣ କରିବେ
ଗରୀବଙ୍କ ଗୋଡ ହାତ ଧରିବେ
ଭୋଟ ପାଇଁ କେତେ ଅଫର୍ ଦେବେ
ମାଲ୍ ପେଇକିରି ଭୋଅଟ ନେବେ
କହିବେ ନେତାଏ ସରଗ ଦବୁ
ଭୋଅଟ ସଇଲେ ଭୁଲିବେ ସବୁ।

—— ଟୁଟୁ

## ଜୀବନ ଯିବ, ସହର ବୁଡିବ

**ନୂଆଦିଲ୍ଲୀ :** ସମଗ୍ର ବିଶ୍ୱରେ ପ୍ରଦୂଷଣ ଓ ତାପମାତ୍ରା ବୃଦ୍ଧି ପ୍ରାଣୀ ଜଗତ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ ଧୀରେ ଧୀରେ ଭାରତରେ ଏହାର ପ୍ରଭାବ ଅନୁଭୂତ ହେଲାଣି। ଦେଶର ଅନ୍ୟ ସହର ଅପେକ୍ଷା ଦିଲ୍ଲୀ ସହରର ପ୍ରଦୂଷଣ ରିପୋର୍ଟ ଅନୁସାରେ ପିଏମ୍ ୨.୫ ସ୍ତର ୫୦୬ରେ ପହଞ୍ଚିଥିଲା ଏବଂ ପିଏମ୍ ୧୦ ସ୍ତର ୩୭୯ ରହିଥିଲା। ଏଠାରେ ବାୟୁ ପ୍ରଦୂଷଣ ସ୍ତର ଅତି ଖରାପ ସ୍ତରରେ ପହଞ୍ଚି ଥିବାରୁ ଜନସାଧାରଣଙ୍କୁ ଆବଶ୍ୟକ ସତର୍କତା ଗ୍ରହଣ

### ପ୍ରଦୂଷଣ ଓ ତାପମାତ୍ରା ବୃଦ୍ଧି ଚିନ୍ତାଜନକ

ସାଂଘାତିକ ସ୍ଥିତିରେ ପହଞ୍ଚିଛି। ଯେଉଁଥିପାଇଁ ଅତୀତରେ ପ୍ରଦୂଷଣ ମାତ୍ରା କମ କରିବା ପାଇଁ ଦିଲ୍ଲୀ ସରକାର ସେଠାରେ ଯାନବାହନ ଚଳାଚଳ ଉପରେ ଯୁଗ୍ମ ଓ ଅଯୁଗ୍ମ ଭଳି ପଦ୍ଧତି ଆପଣାଇବାକୁ ବାଧ୍ୟ ହୋଇଥିଲେ। ଚଳିତବର୍ଷ ଦୀପାବଳିର ତିନିଦିନ ପରେ ଦିଲ୍ଲୀରେ ସୂକ୍ଷ୍ମ ଧୂଳିକଣା (ପିଏମ୍) ସ୍ତର ୫୦୦ ଅତିକ୍ରମ କରିଛି। ସ୍ଥାନୀୟ ବାୟୁ ଗୁଣବତ୍ତା ସୂଚକାଙ୍କ କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ସେହିଭଳି ଆମ ଦେଶର ଅନ୍ୟାନ୍ୟ ଶିଳ୍ପ ବହୁଳ ରାଜ୍ୟ ମାନଙ୍କରେ ପ୍ରଦୂଷଣ ବୃଦ୍ଧି ପାଉଥିବା ଜଣାପଡିଛି। ଯାହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ସରକାର ଓ ଜନସାଧାରଣ ମିଳିତ ଭାବେ କାର୍ଯ୍ୟ ନକଲେ ଭବିଷ୍ୟତରେ ଏହା ଲୋକଙ୍କ ଜୀବନ ନେଇଯିବ। ସେହିଭଳି ବିଶ୍ୱରେ



ତାପମାତ୍ରା ବୃଦ୍ଧିକୁ ନେଇ ମଧ୍ୟ ୟୁଏସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ କ୍ଲାଇମେଣ୍ଟ ସେଣ୍ଟ୍ରାଲ ଦ୍ୱାରା ଯେଉଁ ଗବେଷଣାତ୍ମକ ସନ୍ଦର୍ଭ ପ୍ରକାଶ ପାଇଛି ସେଥିରେ ୨୦୫୦ ସୁଦ୍ଧା ବିଶ୍ୱର ଅନେକ ତଟବର୍ତ୍ତୀ ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି କୁହାଯାଇଛି। ଏହି ତଥ୍ୟ ଅନୁଯାୟୀ ୨୦୫୦ ସୁଦ୍ଧା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ବିଶ୍ୱର ୩୦ କୋଟି ଲୋକ ଜଳସ୍ତର ବୃଦ୍ଧି ଯୋଗୁଁ ନିଜର ବାସସ୍ଥାନ ହରାଇବେ। ଏହାର ଏକମାତ୍ର କାରଣ ବିଶ୍ୱରେ ତାପମାତ୍ରା ବୃଦ୍ଧି ପାଉଛି। ଯେଉଁଥିପାଇଁ ସମୁଦ୍ରର ଜଳସ୍ତର ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଚାଲିଛି। ଏହାର ପ୍ରଭାବରେ ବିଶ୍ୱର ଅନେକ ତଟବର୍ତ୍ତୀ ସହର ଜଳମଗ୍ନ ହେବା ସହିତ ଭାରତର ମୁମ୍ବାଇ ସହର ବିଶେଷ ଭାବେ ପ୍ରଭାବିତ ହେବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ସେହିଭଳି ପୂର୍ବ ଭାରତର କୋଲକାତା ସହର ମଧ୍ୟ ଜଳସ୍ତର ବୃଦ୍ଧି ଯୋଗୁଁ ପ୍ରଭାବିତ ହେବ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶ୍ୱର ଅନ୍ୟ ସହରମାନଙ୍କ ମଧ୍ୟରେ ଚୀନ୍‌ର ବ୍ୟାଙ୍କକ, ସାଂଘାଇ, ଆଲୋକଜାଣ୍ଡ୍ରିୟା, ଆମଷ୍ଟରଡ୍ୟାମ ସହର ସହ ଜାପାନର ଅନେକ ସହର ମଧ୍ୟ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ତେଣୁ ଭବିଷ୍ୟତରେ ପ୍ରଦୂଷଣ ଓ ତାପମାତ୍ରା ବୃଦ୍ଧି ଜୀବନ ନେଇଯିବା ସହ ତଟବର୍ତ୍ତୀ ଅଞ୍ଚଳର ବ୍ୟାପକ କ୍ଷତି ଘଟାଇବ।

ଏହି ରିପୋର୍ଟ ଅନୁଯାୟୀ ବିଶ୍ୱର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସହର ଜଳମଗ୍ନ ହେବା ସହ ଆସନ୍ତା ତିନି ଦଶନ୍ଧି ସୁଦ୍ଧା ➤ ପୃ-୬

## ଦାରିଦ୍ର୍ୟ ଦୂରୀକରଣ ଓ ବିକାଶରେ ସହଯୋଗ

**ଭୁବନେଶ୍ୱର:** ଓଡିଶା ସରକାର ଏବଂ ଅବଦୁଲ ଲତିଫ୍ ଜମିଲ ପୋଭର୍ଟି ଆକସନ୍ ଲାବ୍ ବା ଜେ-ପଲ୍ ଦକ୍ଷିଣ ଏସିଆ ମଧ୍ୟରେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଗବେଷଣା ଲବ୍ଧ ତଥ୍ୟର ଉପଯୋଗ ପାଇଁ ଏକ ବୁଝାମଣା ପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଖାରବେଳ ଭବନଠାରେ ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଏବଂ ଜେ-ପଲ୍ ଦକ୍ଷିଣ ଏସିଆ ପକ୍ଷରୁ ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୋଭିନୀ ମୁଖାର୍ଜୀ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ରାଜ୍ୟ ସରକାରଙ୍କର ୫-ଟି କାର୍ଯ୍ୟକ୍ରମ ଅନୁରୂପ ଏହି ବୁଝାମଣାପତ୍ର ଆମର ନୀତି ନିର୍ଦ୍ଧାରଣରେ ଗବେଷଣାଭିତ୍ତିକ ସହଯୋଗ ଯୋଗାଇ ସାଧାରଣ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ।



### ଜେ-ପଲ୍ ସହ ଓଡ଼ିଶା ସରକାରଙ୍କ ବୁଝାମଣା

ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରିଥିବା କାର୍ଯ୍ୟକ୍ରମର ସୁଫଳ ଯେପରି ସର୍ବାଧିକ ହିତାଧିକାରୀ ପାଇପାରିବେ, ସେ ଦିଗରେ ଉଭୟ କାର୍ଯ୍ୟ କରିବେ। ଜେ-ପଲ୍ ଏ ଦିଗରେ ଗବେଷଣା ଲବ୍ଧ ତଥ୍ୟଭିତ୍ତିକ, ବୈଷୟିକ ସହଯୋଗ ଯୋଗାଇ ଦେବ। ଏହି ସହଯୋଗ କାର୍ଯ୍ୟକ୍ରମରେ ଜେ-ପଲ୍ ରାଜ୍ୟର ବିଭିନ୍ନ ବିଭାଗ ବିଶେଷତଃ ଶ୍ରମ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁକଲ୍ୟାଣ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାର କାର୍ଯ୍ୟକାରୀତା ସଂପର୍କରେ ବିକ୍ଷିପ୍ତ ତଥ୍ୟ ସଂଗ୍ରହ କରି ତାର ମୂଲ୍ୟାଙ୍କନ କରିବେ। ତାସହିତ ଏହିସବୁ କାର୍ଯ୍ୟର ମୂଲ୍ୟାୟନ ଏବଂ ସୁପରିଚାଳନା ପାଇଁ ଦକ୍ଷତାବୃଦ୍ଧି ତାଲିମ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ଏହି ଏହି ସହଯୋଗ କାର୍ଯ୍ୟକ୍ରମ ଦ୍ୱାରା ଓଡିଶାବାସୀଙ୍କ କ୍ରମବର୍ଦ୍ଧିଷ୍ଣୁ ଆଶା ଆକାଂକ୍ଷା ପୂରଣ ସହିତ ଓଡିଶାରେ ଆଣିବାକୁ ଥିବା ପରିବର୍ତ୍ତନର ଲକ୍ଷ୍ୟ ପୂରଣ ଦିଗରେ ଟିମ୍ ଓଡିଶାର ଉଦ୍ୟମ ସଫଳ ହୋଇପାରିବ। ଜେ-ପଲ୍ ଦକ୍ଷିଣ ଏସିଆ ରାଜ୍ୟ ସରକାରଙ୍କ ସହିତ ଏହି ବୁଝାମଣା କରି ➤ ପୃ-୬




# ଅଯୋଧ୍ୟା ବିବାଦ ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମାମଲା : ବୋବ୍‌ଡେ

**ନୂଆଦିଲ୍ଲୀ :** ଅଯୋଧ୍ୟା ଜମି ବିବାଦ ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମାମଲା ଗୁଡିକ ମଧ୍ୟରୁ ଅନ୍ୟତମ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଜଷ୍ଟିସ୍ ଏସ୍‌ଏ ବୋବ୍‌ଡେ କହିଛନ୍ତି। ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଏହି ମାମଲାର ଶୁଣାଣି କରୁଥିବା ୫ଜଣିଆ ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ବୋବ୍‌ଡେ ଅଛନ୍ତି। ଦୀର୍ଘବର୍ଷର ଏହି ଜମି ବିବାଦ ମାମଲାର କ୍ରମାଗତ ୪୦ଦିନରୁ ଊର୍ଦ୍ଧ୍ୱ ଶୁଣାଣି ପରେ ରାୟ ସଂରକ୍ଷିତ ରହିଛି। ଆସନ୍ତା ୧୭ରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅବସର ଗ୍ରହଣ କରିବାକୁ ଯାଉଥିଲା ବେଳେ ଏହା ପୂର୍ବରୁ ରାୟ ପ୍ରକାଶ ପାଇବା ଆଶା କରାଯାଉଛି। ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତକାର ଦେବା ବେଳେ ଅଯୋଧ୍ୟା ମାମଲା ତାଙ୍କ କ୍ୟାରିୟରର ଏକ ମାଇଲଖୁଣ୍ଟ ହେବ କି ବୋଲି ପ୍ରଶ୍ନର ଉତ୍ତରରେ ଜଷ୍ଟିସ ବୋବ୍‌ଡେ କହିଥିଲେ, ଏହା ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ମାମଲା। ଅଯୋଧ୍ୟାରେ ୨.୭୭ଏକର ଜମିକୁ ନେଇ ଦୀର୍ଘଦିନରୁ ହିନ୍ଦୁ ଓ ମୁସଲମାନ ପକ୍ଷଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା ବେଳେ ୮୦ ଦଶକରୁ ଏହାକୁ ନେଇ ରାଜନୀତି ଜୋର ଧରିଛି। ଭଗବାନ ରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାରେ ଥିବା ଏକ ମନ୍ଦିରକୁ ଭଙ୍ଗାଯାଇ ସେଠାରେ ବାବ୍ରୀ ମସ୍‌ଜିଦ ନିର୍ମାଣ ହୋଇଥିବା ବିଶ୍ୱାସ କରାଯାଏ। ୧୯୯୨ ଡିସେମ୍ବର ୬ରେ ହିନ୍ଦୁ କରସେବକମାନେ ଷୋଡଶ ଶତାବ୍ଦୀର ଉକ୍ତ ମସ୍‌ଜିଦକୁ ଭାଙ୍ଗି ଦେଇଥିଲେ। ଏହା ପରବର୍ତ୍ତୀ ଦଙ୍ଗାରେ ୩୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଦୀର୍ଘଦିନ ଧରି କୋର୍ଟଙ୍କ ବିଚାରଧୀନ ଥିବା ଏହି ମାମଲା ଗତବର୍ଷ ପୁଣିଥରେ ଜୋର ଧରିଥିଲା। ମାମଲାର ଅପୋସ ସମାଧାନ ଲାଗି



ଚଳିତ ବର୍ଷ ଆରମ୍ଭରେ ସୁପ୍ରିମ୍‌କୋର୍ଟ ଏକ ମଧ୍ୟସ୍ଥ କମିଟି ଗଠନ କରିଥିଲେ। ଉକ୍ତ କମିଟି ସମାଧାନ ସୂତ୍ର ବାହାର କରିବାରେ ବିଫଳ ହେବା ପରେ ଅଗଷ୍ଟ ୬ରୁ ଅଦାଲତ ଦୈନନ୍ଦିନ ଶୁଣାଣି ଆରମ୍ଭ କରିଥିଲେ। ନଭେମ୍ବର ୧୮ରେ ଜଷ୍ଟିସ୍ ବୋବ୍‌ଡେ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ। ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ବୋବ୍‌ଡେ ୨୦୧୩ ଏପ୍ରିଲରେ ସୁପ୍ରିମ୍‌କୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ। ଗୋପନୀୟତା ସାମ୍ବିଧାନିକ ଅଧିକାର କି ନୁହେଁ ତାହା ଉପରେ ନିଷ୍ପତ୍ତି ନେବା ଲାଗି ଗଠିତ ୯ଜଣିଆ ପୀଠରେ ଜଷ୍ଟିସ୍ ବୋବ୍‌ଡେ ଥିଲେ। ସେହିପରି ସିଜେଆଇ ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ବିରୋଧରେ ପୂର୍ବତନ ମହିଳା କର୍ମଚାରୀ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗର ଅନୁଧ୍ୟାନ ପାଇଁ ଜଷ୍ଟିସ୍ ବୋବ୍‌ଡେଙ୍କ ନେତୃତ୍ୱରେ ୩ଜଣିଆ ଇନ୍‌ହାଉସ୍ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ ଓ ଇନ୍ଦୁ ମାଲହୋତ୍ରା ସଦସ୍ୟ ଥିଲେ।

## ନିଷ୍ପତ୍ତି ବଦଳାଇଲେ ଇମ୍ରାନ୍ ସରକାର

**ଇସଲାମାବାଦ :** କର୍ତ୍ତାରପୁର କରିଡର ଦେଇ ଆସନ୍ତା ୯ରେ ପାକିସ୍ତାନକୁ ଯିବାକୁ ଥିବା ଭାରତୀୟ ଶିଖ୍ ଶ୍ରଦ୍ଧାଳୁଙ୍କ ଠାରୁ କୌଣସି ପ୍ରକାର ଫି' ଆଦାୟ ହେବନାହିଁ। ସେହିପରି ପାକିସ୍ତାନରେ ଥିବା ଦରବାର ସାହିବ ଗୁରୁଦ୍ୱାର ଯିବାକୁ ଚାହୁଁଥିବା ଶ୍ରଦ୍ଧାଳୁମାନେ କୌଣସି ପ୍ରକାରରେ ଆଗୁଆ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। କର୍ତ୍ତାରପୁର କରିଡର ୯ ତାରିଖରେ ଉଦ୍‌ଘାଟନ ହେଉଥିବାରୁ ପାକିସ୍ତାନ ୱାଜିର-ଏ-ଆଜମ ଇମ୍ରାନ୍ ଖାନ୍ ଏହି ଘୋଷଣା କରିଛନ୍ତି। ଆଜି ଇମ୍ରାନ୍ ଖାନ୍ ଟ୍ୱିଟ୍ କରି କହିଛନ୍ତି ଯେ, ଭାରତରୁ କର୍ତ୍ତାରପୁର (ପାକିସ୍ତାନ) ଆସୁଥିବା ଭାରତୀୟ ଶିଖ୍ ଶ୍ରଦ୍ଧାଳୁମାନଙ୍କ ପାଇଁ ଦୁଇଟି ନିୟମରେ ପରିବର୍ତ୍ତନ କରାଯାଇଛି। ଏଠାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ କୌଣସି ପ୍ରକାରର ଭିସା ଦରକାର ନାହିଁ। ସେମାନେ କେବଳ ନିଜ ସହ ବୈଧ ଥିବା ଏକ ପରିଚୟପତ୍ର ଆଣିବେ। ସେହିପରି ଏଠାକୁ ଆସିବାକୁ ଥିବା ଶ୍ରଦ୍ଧାଳୁମାନେ କୌଣସି ପ୍ରକାରର ୧୦ଦିନ ଆଗରୁ ନିଜ ନାଁ ପଞ୍ଜୀକରଣ କରିବେ ନାହିଁ।

## ଜାମ୍ମୁ-କଶ୍ମୀରର ନୂଆ ପରିଚୟ



**ଶ୍ରୀନଗର :** ଗୁରୁବାରଠାରୁ ଭାରତର ମାନଚିତ୍ର ବଦଳିଯାଇଛି। ଏପର୍ଯ୍ୟନ୍ତ ରାଜ୍ୟର ମାନ୍ୟତା ପାଉଥିବା ଜାମ୍ମୁ-କଶ୍ମୀର ବିଧିବଦ୍ଧ ଭାବେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଛି। ଜାମ୍ମୁ-କଶ୍ମୀର ଏବଂ ଲଦାଖକୁ ୨ଟି ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଆନୁଷ୍ଠାନିକ ମାନ୍ୟତା ମିଳିଛି। ଜାମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି ଓଡ଼ିଆ ପ୍ରଶାସନିକ ଅଧିକାରୀ ଗିରୀଶ ଚନ୍ଦ୍ର ମୁର୍ମୁ। ଶ୍ରୀନଗରଠାରେ ଜାମ୍ମୁ-କଶ୍ମୀରର ଉପରାଜ୍ୟପାଳ ମୁର୍ମୁ ଏବଂ ଲଦାଖ ଉପରାଜ୍ୟପାଳ ରାଧାକୃଷ୍ଣ ମାଥୁରଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଗୀତା ମିତ୍ତଲ ଶପଥପାଠ କରାଇଛନ୍ତି। ଜାମ୍ମୁ-କଶ୍ମୀର ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବାପରେ ଦେଶର ରାଜ୍ୟ ସଂଖ୍ୟା ୨୮କୁ ହ୍ରାସ ପାଇଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଜାମ୍ମୁ-କଶ୍ମୀର ପୁନର୍ଗଠନ ଆଇନ ଅନୁଯାୟୀ ଲଦାଖରେ ବିଧାନସଭା ରହିବ ନାହିଁ। ମାତ୍ର ଜାମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ବିଧାନସଭା ରହିବ ଏବଂ ଏହାର କାର୍ଯ୍ୟକାଳ ହେବ ୫ ବର୍ଷ। ପୂର୍ବରୁ ଜାମ୍ମୁ-କଶ୍ମୀର ବିଧାନସଭାର କାର୍ଯ୍ୟକାଳ ଥିଲା ୬ ବର୍ଷ। ବିଧାନସଭାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଆସନ ସଂରକ୍ଷିତ ରହିବ। ପୂର୍ବରୁ କେନ୍ଦ୍ର ଆଇନ ଏଠାରେ ଲାଗୁ ହେଉନଥିଲାବେଳେ ଏବେ ଜାମ୍ମୁ-କଶ୍ମୀର ଓ ଲଦାଖରେ କେନ୍ଦ୍ରୀୟ ଆଇନ ଲାଗୁ ହେବ।

## 'ଦେଶ ଏକୀକରଣରେ ପଟେଲଙ୍କ ଅବଦାନ ଅବିସ୍ମରଣୀୟ'

**ନୂଆଦିଲ୍ଲୀ :** ମହାନ ସ୍ୱାଧୀନତା ସଂଗ୍ରାମୀ, ଦେଶର ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ଦେଶର ଏକୀକରଣର ବିଧାଣୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ସର୍ଦ୍ଦାର ପଟେଲଙ୍କ ଜୟନ୍ତୀକୁ 'ରାଷ୍ଟ୍ରୀୟ ଏକତା ଦିବସ' ରୂପେ ପାଳନ କରାଯାଉଥିଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର କେଭାଡିଆରେ ଥିବା ଲୌହମାନବଙ୍କ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ମୋଦୀ କହିଛନ୍ତି, ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଓ ୩୫-ଏ ଉଚ୍ଛେଦ ଦ୍ୱାରା ସର୍ଦ୍ଦାର ପଟେଲଙ୍କ ସ୍ୱପ୍ନ ସାକାର ହୋଇଛି। ସେ କହିଲେ ଦେଶର ଏକୀକରଣରେ ସର୍ଦ୍ଦାର ପଟେଲଙ୍କ ଅବଦାନ ଅବିସ୍ମରଣୀୟ। ମୋଦୀ ଆଇଏଏସ୍ ଶିକ୍ଷାନବିସମାନଙ୍କୁ କହିଥିଲେ ଜମ୍ମୁ-କଶ୍ମୀରରେ ଖୁବ୍ ଶୀଘ୍ର ରାଜନୈତିକ ସ୍ଥିରତା ପ୍ରତିଷ୍ଠା ହେବ। ଗୁରୁବାରଠାରୁ ଜମ୍ମୁ-କଶ୍ମୀର ଓ ଲଦାଖ ଆନୁଷ୍ଠାନିକ ଭାବେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଛି। କେଭାଡିଆଠାରେ ଗୁଜରାଟ ପୁଲିସ ଓ କେନ୍ଦ୍ରୀୟ ବାହିନୀ ପକ୍ଷରୁ



ଆୟୋଜିତ ରାଷ୍ଟ୍ରୀୟ ଏକତା ଦିବସରେ ପରେଡରେ ମୋଦୀ ଅଭିବାଦନ ଗ୍ରହଣ କରିଥିଲେ। ସେଠାରେ ଏକତା ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ନୂଆଦିଲ୍ଲୀରେ ଆୟୋଜିତ ଏକତା ଦିବସରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଶାହ ଏକତା ଗଣଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ହରିଆଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ବିଏସ୍‌ଏନ୍‌ଏଲ୍‌ର ଆୟ କମୁଛି, କ୍ଷତି ବଢୁଛି

**ନୂଆଦିଲ୍ଲୀ:** ରାଷ୍ଟ୍ରାୟତ୍ତ ଟେଲିକମ୍ ସଂସ୍ଥା ଭାରତ ସଞ୍ଚାର ନିଗମ ଲି ( ବିଏସ୍‌ଏନ୍‌ଏଲ୍) ଏବଂ ମହାନଗର ଟେଲିଫୋନ ନିଗମ ଲି(ଏମ୍‌ଟିଏନ୍‌ଏଲ୍) ଭଳି ଦୁଇଟି କମ୍ପାନୀର ପ୍ରଭୂତ କ୍ଷତିକୁ ନେଇ ଏଗୁଡିକ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ଗତ ସପ୍ତାହ ତଳେ ଏଗୁଡିକର ଆର୍ଥିକ ପୁନର୍ଗଠନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ୟାକେଜ୍ ଘୋଷଣା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ୟାକେଜ୍ ସହିତ ସରକାରୀ ବଣ୍ଡ ମାଧ୍ୟମରେ ବଜାରରୁ ପୁଞ୍ଜି ସଂଗ୍ରହ, କମ୍ପାନୀର ସମ୍ପତ୍ତି ବିକ୍ରି ସୂତ୍ରରୁ ପାଣ୍ଠି ସଂଗ୍ରହ ଏବଂ ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ଅବସର ଦେବା ଆଦି ଏହି ପୁନରୁଦ୍ଧାର ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ରହିଥିଲା। ତେବେ କମ୍ପାନୀର କ୍ଷତି ରୋକିବାକୁ କେନ୍ଦ୍ର ସରକାର ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ସ୍ୱେଚ୍ଛାକୃତ ଅବସର ଯୋଜନାକୁ ପ୍ରାଧାନ୍ୟ ଦେଇଥିବା ବେଳେ ଏହି ଯୋଜନାରୁ ପ୍ରାୟ ୭,୫୦୦ କୋଟି ଟଙ୍କା ସଞ୍ଚୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ବିଏସ୍‌ଏନ୍‌ଏଲ୍‌ର ମୋଟ କର୍ମଚାରୀଙ୍କ ସଂଖ୍ୟା ୧.୫୯ ଲକ୍ଷ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ୧.୦୫ ଲକ୍ଷ କର୍ମଚାରୀଙ୍କ ବୟସ ୫୦ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ସବୁଠାରୁ ଉଦ୍‌ବେଗର ବିଷୟ ହେଲା ଯେ, ବିଏସ୍‌ଏନ୍‌ଏଲ୍‌ର ମୋଟ ରାଜସ୍ୱ ଆୟର ଶତକଡ଼ା ୭୫ ଭାଗ କେବଳ କର୍ମଚାରୀଙ୍କ ଦରମା ବାବଦରେ ବ୍ୟୟ କରାଯାଉଛି। ଅପରପକ୍ଷରେ କମ୍ପାନୀର ଆୟ ଦିନକୁ ଦିନ ହ୍ରାସ ପାଉଥିବାରୁ ସେହି ତୁଳନାରେ କ୍ଷତି ମଧ୍ୟ ବଢିଚାଲିଛି। ୨୦୧୭-୧୮ ଆର୍ଥିକ ବର୍ଷରେ କମ୍ପାନୀର କ୍ଷତି ପରିମାଣ ୭୯୯୩ କୋଟି ଟଙ୍କା ରହିଥିଲା ବେଳେ ୨୦୧୮-୧୯ ବର୍ଷରେ କମ୍ପାନୀର ଆୟ ୧୯,୩୦୮ କୋଟି ଟଙ୍କା ହ୍ରାସ ପାଇବା ସହ କ୍ଷତି ପରିମାଣ ୧୪,୨୦୨ କୋଟି ଟଙ୍କାରେ ପହଞ୍ଚିଛି। ତେବେ ବର୍ତ୍ତମାନ କର୍ମଚାରୀଙ୍କ ବାର୍ଷିକ ଦରମା ବାବଦରେ ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ୧୪,୧୫୫ କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଏମାନଙ୍କ ମଧ୍ୟରୁ ୮୦ ହଜାର କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ଅବସର ଦେବାକୁ ଯୋଜନା କରାଯାଇଛି। ଫଳରେ ଏହି ସୂତ୍ରରୁ ଏବଂ ବାର୍ଷିକ ଦରମା ବାବଦ ବ୍ୟୟରୁ ଶତକଡ଼ା ୫୦ ଭାଗ ହିସାବରେ ପ୍ରାୟ ୭୫୦୦ କୋଟି ଟଙ୍କା ସଞ୍ଚୟ କରାଯାଇପାରିବ ବୋଲି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ବିଏସ୍‌ଏନ୍‌ଏଲ୍‌ର ପୁନରୁଦ୍ଧାର ପ୍ୟାକେଜ୍ ଅନୁସାରେ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ(ଇଆର୍‌ପି) ପ୍ଲାଟଫର୍ମରେ ଭିଆର୍‌ଏସ୍ ଯୋଜନା କାର୍ଯ୍ୟକାରୀ କରାଯିବ। ଉଭୟ ବିଏସ୍‌ଏନ୍‌ଏଲ୍ ଏବଂ ମହାନଗର ଟେଲିଫୋନ ନିଗମ ଲିଃ (ଏମ୍‌ଟିଏନ୍‌ଏଲ୍)ରେ ଏହି ଯୋଜନା କାର୍ଯ୍ୟକାରୀ କରିବା ନେଇ ଏହାର ସର୍ତ୍ତାବଳୀ ସମ୍ପର୍କରେ ଅନୁଧ୍ୟାନ କରିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ କମିଟି ଗଠନ କରାଯାଇଥିବା ବେଳେ ଭିଆର୍‌ଏସ୍ ଅବଧି ୩୦ ଦିନ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ। ସ୍ୱେଚ୍ଛାକୃତ ଅବସର ନେବାକୁ ଥିବା ୮୦ ହଜାର କର୍ମଚାରୀଙ୍କ ପାଇଁ ୧୪,୮୦୦ କୋଟି ଟଙ୍କାର ଅନୁଗ୍ରହ ରାଶି କେନ୍ଦ୍ର ସରକାର ବହନ କରିବେ ବୋଲି ଜଣାପଡ଼ିଛି।

## ମୀରପୁର୍ ଓ ସିଆଲକୋଟ୍‌ରେ ଲସ୍କର୍ ତାଲିମ କେନ୍ଦ୍ର ପୁଣି ସକ୍ରିୟ

**ଇସ୍‌ଲାମାବାଦ:** ପାକିସ୍ତାନର ମୀରପୁର୍ ଓ ସିଆଲକୋଟ୍‌ରେ କୁଖ୍ୟାତ ଆତଙ୍କୀ ସଂଗଠନ ଲସ୍କର-ଇତୋଏବାର ଅତ୍ୟାଧୁନିକ ତାଲିମ କେନ୍ଦ୍ର ପୁଣି କାର୍ଯ୍ୟାରମ୍ଭ କରିଛି ବୋଲି ଭାରତୀୟ ଗୁପ୍ତଚର ସଂସ୍ଥା ସୂତ୍ରରୁ ପ୍ରକାଶ। ଆନ୍ତର୍ଜାତିକ ସ୍ତରରୁ ଚାପ ପଡ଼ିବାରୁ ପାକ୍‌ସେନା ଓ ଆଇଏସ୍‌ଆଇ ଏହି ତାଲିମ କେନ୍ଦ୍ରକୁ ବନ୍ଦ କରି ଦେଇଥିଲେ। ସମୁଦ୍ରଗର୍ଭରେ ଆତଙ୍କ ସୃଷ୍ଟି କରିବା ପାଇଁ ଉକ୍ତ ତାଲିମ କେନ୍ଦ୍ରରେ ଯାବତୀୟ କୌଶଳ ପ୍ରଦାନ କରୁଛି ପାକ୍‌ସେନା। ଲସ୍କର ମୁଖ୍ୟ ହାଫିଜ ସୈଦଙ୍କ ପୁଅ ତାଲହା ସୈଦ ମାଙ୍ଗଲା ଓ ମରାଲସ୍ଥିତ ଲସ୍କର ତାଲିମ କେନ୍ଦ୍ର ପରିଚାଳନା କରୁଥିବା ଜଣାପଡ଼ିଛି। ପାକ୍‌ସେନା ଓ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇଠାରୁ ପ୍ରୋତ୍ସାହନ ପାଇ ଲସ୍କର ପାକିସ୍ତାନ ଓ ଆଫଗାନିସ୍ତାନ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପୁଣି ସକ୍ରିୟ ହୋଇଛି। ଆତଙ୍କୀ ସଂଗଠନ ପାଇଁ ନୂଆ ଯୁବକଙ୍କ ମନୋନୟନ ପ୍ରକ୍ରିୟା ଚାଲିଛି।

# ଜାମ୍ମୁ-କାଶ୍ମୀର ବୁଲିଲେ ଇୟୁ ପ୍ରତିନିଧି, ଆତଙ୍କବାଦୀ ବିରୋଧ ପଦକ୍ଷେପକୁ ଦୃଢ଼ ସମର୍ଥନ

**ନୂଆଦିଲ୍ଲୀ :** ଜମ୍ମୁ ଓ କଶ୍ମୀରର ପରିସ୍ଥିତି ଅନୁଧ୍ୟାନ କରିବାକୁ ଯାଇଥିବା ୟୁରୋପୀୟ ସଂଘ(ଇୟୁ)ର ସାଂସଦ ପ୍ରତିନିଧି ଦଳ ଭାରତ ସରକାରଙ୍କ ଆତଙ୍କବାଦ ବିରୋଧୀ ପଦକ୍ଷେପକୁ ଦୃଢ଼ ସମର୍ଥନ ଜଣାଇଛନ୍ତି। ୩୭୦ ଧାରା ଉଚ୍ଛେଦ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଓ ସେମାନଙ୍କର ଏହି ଗସ୍ତ କଶ୍ମୀରର ବାସ୍ତବ ପରିସ୍ଥିତି ସମ୍ପର୍କରେ ପରିଚିତ କରାଇଛି। ତେବେ ଭାରତ ସରକାର ବିରୋଧୀ ଦଳଙ୍କୁ ମଧ୍ୟ କଶ୍ମୀର ପରିଦର୍ଶନ ପାଇଁ ସୁଯୋଗ ଦେବା ଉଚିତ ବୋଲି ସେମାନେ କହିଛନ୍ତି। ଜର୍ମାନୀ, ଫ୍ରାନ୍ସ, ଇଟାଲି ଆଦି ଦେଶର ଦକ୍ଷିଣପନ୍ଥୀ ସାଂସଦଙ୍କୁ ନେଇ ଗଠିତ ୨୩ଜଣିଆ ୟୁରୋପୀୟ ପ୍ରତିନିଧି ଦଳ ସେମାନଙ୍କ ଗସ୍ତର ଶେଷ ଦିନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଶ୍ୱ ଆତଙ୍କବାଦର ମୁକାବିଲା ଓ ଶାନ୍ତି ପ୍ରତିଷ୍ଠା ଦିଗରେ ଭାରତର ପ୍ରୟାସକୁ ଭରପୂର ପ୍ରଶଂସା କରିଛନ୍ତି। ସେମାନେ କହିଛନ୍ତି ଯେ କଶ୍ମୀର ପରିସ୍ଥିତି ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ବିଭ୍ରାନ୍ତମୂଳକ ଓ ଅତିରଞ୍ଜିତ ପ୍ରଚାର ହେଉଛି। ଏବେ ସେମାନେ ଏହି ଅଞ୍ଚଳ ପରିଦର୍ଶନ କରି ଅଞ୍ଚଳର ବାସ୍ତବ



ସ୍ଥିତିକୁ ହୃଦୟଙ୍ଗମ କରିପାରିଛନ୍ତି। କଶ୍ମୀରରେ ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। ଅଞ୍ଚଳରେ ଶାନ୍ତି ବ୍ୟାହତ ନିମନ୍ତେ ଆତଙ୍କରାଜ ଚଳାଇଛନ୍ତି। ଗତକାଲି ସେମାନେ କଶ୍ମୀର ଭ୍ୟାଲି ପରିଦର୍ଶନରେ ଥିବାବେଳେ ଆତଙ୍କବାଦୀମାନେ ୫ଜଣ ନିରୀହ ଶ୍ରମିକଙ୍କୁ ହତ୍ୟା କରିଛନ୍ତି। ଏହି ଘଟଣା ଅତ୍ୟନ୍ତ ବର୍ବରୋଚିତ ଓ ନିନ୍ଦନୀୟ। ନିଜ ଦେଶକୁ ଫେରିଯିବା ପରେ ସେମାନେ ନିଜ ଅନୁଭୂତି ଓ ଅଭିଜ୍ଞତାକୁ ଅନ୍ତର୍ଜାତୀୟ ସ୍ତରରେ ପ୍ରକାଶ କରିବେ ବୋଲି କହିଛନ୍ତି। ଇୟୁ ପ୍ରତିନିଧି ଦଳ ଦୁଇଦିନ ଧରି କଶ୍ମୀର ଗସ୍ତକରି ସେଠାରେ ସୁରକ୍ଷା ଦାୟିତ୍ୱରେ ରହିଥିବା ସେନା ଓ ପୁଲିସ ଅଧିକାରୀମାନଙ୍କୁ ଭେଟିଥିଲେ। ସେମାନେ ଜନତା ଦଳ(ୟୁ) ଓ ବିଜେପିର ସ୍ଥାନୀୟ ନେତା, ନବନିର୍ବାଚିତ ବ୍ଲକ ଉନ୍ନୟନ କମିଶନର ସଦସ୍ୟ, ସ୍ଥାନୀୟ ପ୍ରତିନିଧି, ଯୁବ ସାମାଜିକ କର୍ମୀ ଓ ପ୍ରଶାସନ ସହ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମତ ବିନିମୟ କରିଥିଲେ। ବ୍ରିଟେନ ସାଂସଦ ନିଉଟନ ଡନ କହିଲେ ଯେ କଶ୍ମୀରର ସ୍ୱତନ୍ତ୍ର ପାହ୍ୟା ଉଚ୍ଛେଦ ପରେ ସେଠାକାର ଜନସାଧାରଣ ଯେଉଁ ବିବରଣୀ ପ୍ରଦାନ କରିଛନ୍ତି ତାହା ତାଙ୍କୁ ଅଭିଭୂତ କରିଛି। ଏଥିପାଇଁ ଅଞ୍ଚଳବାସୀ ଦେଶର ଅନ୍ୟ ପ୍ରାନ୍ତ ଅଧିବାସୀଙ୍କ ସହ ସମାନ ଅଧିକାର ପାଇଥିବାରୁ ଏହାକୁ ସ୍ୱାଗତ କରିଛନ୍ତି। ଦେଶର ଅନ୍ୟ ଅଞ୍ଚଳ ପରି କଶ୍ମୀରର ବିକାଶ ସାଧନ ହେଉ ସେମାନେ ଚାହାଁନ୍ତି। ଏହି ଅନୁଭବ ଆମର ମୂଳ ଧାରଣାକୁ ବଦଳାଇ ଦେଇଛି। ଦୀର୍ଘ ବର୍ଷର ସଂଗ୍ରାମ ପରେ ୟୁରୋପରେ ଯେଭଳି ଶାନ୍ତି ଫେରିଛି ସେହିପରି ଭାରତ ବିଶ୍ୱର ସର୍ବାଧିକ ଶାନ୍ତିପୂର୍ଣ୍ଣ ରାଷ୍ଟ୍ରରେ ପରିଣତ ହେଉ ଏହା ଆମେ ଚାହୁଁ। ପୋଲାଣ୍ଡ ପ୍ରତିନିଧି ରିଜାର୍ଡ ଜାରନେକି ଓ ଫ୍ରାନ୍ସର ଥିଏରି ମାରିଆନି କହିଲେ ଯେ ଆତଙ୍କବାଦ ଗୋଟିଏ ରାଷ୍ଟ୍ରକୁ ଧ୍ୱଂସ କରିଦେଇପାରେ। ଆତଙ୍କବାଦର ପ୍ରଭାବ ଆଫଗାନିସ୍ତାନ ଓ ସିରିୟା ଗସ୍ତକରି ସେମାନେ ଅନୁଭବ କରିଛନ୍ତି। ରାଜନୀତି ଏକ ଆଭ୍ୟନ୍ତରୀଣ ପ୍ରସଙ୍ଗ। କିନ୍ତୁ ଆତଙ୍କବାଦ ଏକ ବିଶ୍ୱ ସମସ୍ୟା। ଭାରତ ଭଳି ଏକ ଦ୍ରୁତ ବିକାଶଶୀଳ ରାଷ୍ଟ୍ର ଆତଙ୍କବାଦରୁ ବର୍ତ୍ତିବା ପାଇଁ ଯେଉଁ ପଦକ୍ଷେପ ନେଇଛି ସେମାନେ ତାହାକୁ ଦୃଢ଼ ସମର୍ଥନ କରୁଛନ୍ତି। ତେବେ ପାଶ୍ଚାତ୍ୟ କୂଟନୀତିଜ୍ଞମାନଙ୍କ କଶ୍ମୀର ଗସ୍ତପାଇଁ କଂଗ୍ରେସ, ପିଡିପି ଓ ନ୍ୟାସନାଲ କନଫରେନ୍ସ ଆଦି ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଟାର୍ଗେଟ କରିଛନ୍ତି। କଶ୍ମୀର ଯିବାକୁ ସରକାର ସେମାନଙ୍କୁ ବାରଣ କରୁଥିବାବେଳେ ବିଦେଶୀ ପ୍ରତିନିଧିମାନଙ୍କୁ ଅନୁମତି ଦେଇଥିବାରୁ ସେମାନେ ତୀବ୍ର ସମାଲୋଚନା କରିଛନ୍ତି। ଦେଶର ବିରୋଧୀ ଦଳଙ୍କୁ ସରକାର ବିଶ୍ୱାସକୁ ନେଉନାହାନ୍ତି। କଶ୍ମୀର ଭାରତର ଆଭ୍ୟନ୍ତରୀଣ ବ୍ୟାପାର। ଏହାସହ ଅନ୍ୟ ରାଷ୍ଟ୍ରଙ୍କ କୌଣସି ସମ୍ପର୍କ ନାହିଁ। ସରକାର ବିଦେଶୀ ପ୍ରତିନିଧିମାନଙ୍କୁ କାହିଁକି କଶ୍ମୀରକୁ ନେଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏପରି କରି କେନ୍ଦ୍ର ସରକାର କଶ୍ମୀର ପ୍ରସଙ୍ଗର ଅନ୍ତର୍ଜାତୀୟକରଣ କରୁଛି ବୋଲି କଂଗ୍ରେସ ନେତା ଅମ୍ବିକା ସୋନୀ କହିଛନ୍ତି।

## କେମିତି କଟିବ ଏ ସପ୍ତାହ

**ମେଷ** — କାର୍ଯ୍ୟକ୍ଷେତ୍ରରେ ତଳିଆ କର୍ମଚାରୀଙ୍କ ସହ ବିବାଦ ଉପୁଜିପାରେ। ପରିବାରରେ ଅଶାନ୍ତି ଦେଖାଦେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ବିଫଳ ହୋଇପାରନ୍ତି। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ। ବିଦେଶ ଭ୍ରମଣ ସୁଯୋଗ ଆସିବ।

**ବୃଷ** — ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ। ବ୍ୟବସାୟରେ ଉନ୍ନତି ଲାଭ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ତୀର୍ଥଯାତ୍ରା କରିବାର ସୁଯୋଗ ରହିଛି।

**ମିଥୁନ** — କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ଧନପ୍ରାପ୍ତିର ସୁଯୋଗ ଆସିପାରେ। ନୂଆ ଗାଡି କିଣିବା ପାଇଁ ମନ ବଳିବ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ ଉନ୍ନତି ହେବ।

**କର୍କଟ** — କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ସମ୍ଭାବନା ରହିଛି। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଲାଗି ରହିଥିବା ବିବାଦର ସମାଧାନ ହେବ। ଅର୍ଥନୈତିକ ପରିସ୍ଥିତି ସୁଧୁରିବ। ଜମିଜମା ବିବାଦ ଲାଗିରହିବ।

**ସିଂହ** — କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ। ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭଲ ଫଳ ମିଳିବ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ହେବ। ବିଦେଶ ଯାତ୍ରାରୁ ବଞ୍ଚିତ ହେବେ।

**କନ୍ୟା** — ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ଆସିପାରେ। କୋର୍ଟକଚେରୀ ମାମଲାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି ଲାଭ କରିବେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ ହେବେ।

**ତୁଳା** — ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ବଦଳି ହୋଇପାରେ। ଗୃହରେ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ଶୁଭଫଳ ପାଇବେ।

**ବିଛା** — ଆର୍ଥିକ ସ୍ୱଚ୍ଛତା ଦେଖାଦେବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଅଧିକ ନମ୍ବର ରଖି ପାସ୍ କରିବେ। ଦୀର୍ଘ ଦିନରୁ ଲାଗିରହିଥିବା ବିବାଦ ଲାଗି ରହିବ। ରାଜନୈତିକ ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ରହିବ।

**ଧନୁ** — ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ ହେବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ମଧ୍ୟ କୃତିତ୍ୱ ଅର୍ଜନ କରିବେ। ପରିବାର ସହିତ ଧାର୍ମିକ କାର୍ଯ୍ୟକ୍ରମକୁ ଯାଇପାରନ୍ତି। ରାଜନୀତି କ୍ଷେତ୍ରରେ ସଫଳ ପାଇବେ।

**ମକର** — ଗୃହରେ ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିବ। ଛାତ୍ରଛାତ୍ରୀମାନେ ଶୁଭଫଳ ପାଇବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ବିଦେଶ ଭ୍ରମଣର ସୁଯୋଗ ରହିଛି।

**କୁମ୍ଭ** — ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧରେ ରୁଚି ବୃଦ୍ଧି ହେବ। ନୂତନ କର୍ମରେ ଯୋଗ ଦେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ଉପୁଜିପାରେ। ରାଜନୀତିରେ ବିପଦ ବଢ଼ିବ। ବ୍ୟବସାୟରେ ଶୁଭଫଳ ପାଇବେ। ପରିବାରେ ଶାନ୍ତି ବଜାୟ ରହିବ।

**ମୀନ** — ଚାକିରିରେ ପଦୋନ୍ନତି ଘଟିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ। ଅତିଥି ସେବାରେ ସମୟ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ସ୍ୱିତାରାଣୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଯାଉ: ପ୍ରଦୀପ୍ତ ନାଏକ

**ଭୁବନେଶ୍ୱର :** ସ୍ୱିତାରାଣୀଙ୍କର ମୃତ୍ୟୁକୁ ବିଜେପି ବରାମ୍ବାର ନ୍ୟାୟ ଦେବା ପାଇଁ ଦାବି କରିଆସୁଥିଲେ ବି ରାଜ୍ୟସରକାର ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଏପର୍ଯ୍ୟନ୍ତ ଚୁପ୍ ବସିଛନ୍ତି । ମହିଳା କମିଶନ ଅଧ୍ୟକ୍ଷା ତଦନ୍ତ ଠିକ୍ ଭାବେ ହୋଇନଥିବା କଥାକୁ ଖୋଦ୍ ସ୍ୱୀକାର କରିଛନ୍ତି । ପୋଲିସ କେବଳ ରୂପେଶ ଭଦ୍ରକୁ ଗିରଫ କରି ସେଠାରେ ଉପସ୍ଥିତ ଥିବା ୨ ଜଣ ବିଜେଡି ସମିତି ସଭ୍ୟ, ଜଣେ ବିଜେଡି ଜିଲ୍ଲାପରିଷଦ ଏବଂ ରାମକୋର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କଲା ନାହିଁ । ଅନ୍ୟପଟେ ଯାଜପୁର ଏସପି ବୃତିଗତ ତଦନ୍ତ ନକରି ବ୍ୟକ୍ତିଗତ ତଦନ୍ତ କରି ମୃତା ସ୍ୱିତାରାଣୀର ଚରିତ୍ରହନନ କଲେ । ଶାସକ ଦଳ ଚାପରେ ଘଟଣାକୁ ଚପେଇ ଦେବା ପାଇଁ ଅପଚେଷ୍ଟା କରାଯାଉଛି । ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ନେତୃତ୍ୱରେ ଏକ ବିଧାୟକ ଦଳ ପ୍ରତିନିଧୀ ହରିଦାସପୁର ପଂଚାୟତ ଗସ୍ତ କରି ମୃତା ସ୍ୱିତାରାଣୀଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇବା ସହ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି । ସ୍ୱିତାରାଣୀର ମୃତ୍ୟୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ । ହତ୍ୟାକାଣ୍ଡ ପୂର୍ବରୁ ଗଣ ବଳାତ୍କାର ହୋଇଥିବା ଭଳି ଲାଗୁଛି । ହେଲେ ତଦନ୍ତକୁ ବାଟବଣା କରିବା ପାଇଁ ଜିଲ୍ଲା ଏସପି ସ୍ୱିତାରାଣୀଙ୍କର ଚରିତ୍ର ହନନ କରିବା ସହିତ ଏହାକୁ ଏକ ଆତ୍ମ ହତ୍ୟାର ରୂପ ଦେଲେ । ବିନା ତଦନ୍ତରେ, ମୃତା ସ୍ୱିତାରାଣିଙ୍କର ସ୍ୱାମୀଙ୍କ ମତକୁ, ସ୍ୱିତାରାଣିଙ୍କର ପରିବାରର କଥାକୁ ଏସପି ତଦନ୍ତ ପରିସର ଭୁକ୍ତ ନକରି କେବଳ ଯିଏ ଅପରାଧୀ ତାହା କଥାରେ ସ୍ୱିତାରାଣୀଙ୍କର ଚରିତ୍ରକୁ ଆକ୍ଷେପ କଲେ । ତଦନ୍ତ ଦାୟୀତ୍ୱରେ ଥିବା ଜିଲ୍ଲା ଏସପି ଜଣେ ସର୍ବଭାରତୀୟ ପୋଲିସ ସେବାର ଅଧିକାରୀ । ତାଙ୍କର ଏଭଳି ଆଚରଣ ଅତ୍ୟନ୍ତ ବିଶୃଙ୍ଖଳିତ



। ଜଣେ ମୃତ ମହିଳାଙ୍କର ଚରିତ୍ରକୁ ଆକ୍ଷେପ କରି ସର୍ବସାଧାରଣରେ ଏପରି ଟିପ୍ପଣି ଦେବା ପିଡିତାଙ୍କ ପରିବାରର ମାନହାନି କରିବା ସହିତ ହିନ୍ଦୁ ପରମ୍ପରାରେ ମୃତ ଆତ୍ମା ପ୍ରତି ଦିଆଯାଉଥିବା ସମ୍ମାନକୁ ବିରୋଧାଚରଣ କରୁଛି । ଜିଲ୍ଲା ପୋଲିସ ଓ ପ୍ରଶାସନ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରୁଥିବା କାରଣରୁ ନ୍ୟାୟ ମିଳିବା ଅସମ୍ଭବ । ତେଣୁ ନିରପେକ୍ଷ ତଦନ୍ତ ପାଇଁ ଏହି ଘଟଣାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଉ । ଏହା ସହ ଯାଜପୁର ଏସପିଙ୍କୁ ବହିଷ୍କାର କରିବା ପାଇଁ ଶ୍ରୀ ନାଏକ ଦାବି କରିଛନ୍ତି । ଯାଜପୁରରେ ସ୍ୱିତାରାଣି ବିଶ୍ୱାଳଙ୍କୁ ବଳାତ୍କାର କରାଯାଇ ହତ୍ୟା କରାଯିବା ପରେ ମହିଳା କମିଶନ ପ୍ରଥମେ ଚୁପ ରହିବା ଏବଂ ପରେ ନିରପେକ୍ଷ ତଦନ୍ତ ସାରିଥିବା କଥା କହି ରାଜ୍ୟବାସୀଙ୍କୁ ଭ୍ରମିତ କରିଛନ୍ତି । ଶାସକ ବିଜେଡି ଦଳର ପ୍ରବକ୍ତା ସାଜି ମହିଳା କମିଶନ ନିଜ ପଦବୀର ମର୍ଯ୍ୟାଦାହାନୀ କରି ମିଥ୍ୟା ବୟାନବାଜି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ନିଜ କ୍ଷମତାର ଅପବ୍ୟବହାର କରିଥିବା ମହିଳା କମିଶନ ଅଧ୍ୟକ୍ଷା ମୀନତି ବେହେରା ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ନାଏକ କହିଛନ୍ତି । ସ୍ୱିତାରାଣିଙ୍କର ସ୍ୱାମୀ ମହିଳା କମିଶନ ଓ ପୋଲିସ ଡିଜିଙ୍କ ପାଖରେ କହିଛନ୍ତି ଯେ ସ୍ୱିତାରାଣିଙ୍କ ଉପରେ ବୃତିଗତ ଚାପ ଥିଲା । ଶାସକ ଦଳର କିଛି ନେତା ମିଥ୍ୟା ବିଲ ପାସ କରାଇବା, ପକ୍କାଘର ହିତାଧୀକାରି ଚୟନରେ ସେମାନଙ୍କ ସୁପାରିଶ ଅନୁସାରେ ହିତାଧିକାରି ଚୟନ କରିବା ଓ ଅନ୍ୟାନ ସରକାରୀ ଯୋଜନାରେ ବେଆଇନ କାମ କରିବା ପାଇଁ ଚାପ ପକାଉଥିଲେ । ସେକଥା ସ୍ୱିତାରାଣି ତାଙ୍କ ସ୍ୱାମୀଙ୍କୁ ଅନେକ ଥର କହିଥିଲେ । ପୋଲିସ ସେହି ଦିଗ ଉପରେ ତଦନ୍ତ କାହିଁକି କଲାନାହିଁ । ବିଜୁ ପକ୍କାଘର କେଳେଙ୍କାରିକୁ ଲୁଚାଇବା ପାଇଁ ସ୍ୱିତାଙ୍କୁ ହତ୍ୟା କରାଯାଇଛି ଏକଥା ସ୍ପଷ୍ଟ ଜଣାପଡୁଛି । ସ୍ୱିତାରାଣୀର ଗଣଦୁର୍ଷ୍କମ ଏବଂ ହତ୍ୟା ସ୍ଥଳୀରେ ରଙ୍ଗଶାଳା ସାଜିଥିବା ସେ ଗେଷ୍ଟହାଉସର ସିସିଟିଭି ଫୁଟେଜ କୁଆଡେ ଗଲା ? ଗଣଦୁଷ୍କର୍ମ ଏବଂ ହତ୍ୟା ହୋଇଥିବା ଘଟଣାସ୍ଥଳ ଏବଂ ଗେଷ୍ଟହାଉସ କଣ ପାଇଁ ପୋଲିସ ସେହି ଘଟଣା ଘଟିବା ପରେ ସିଲ କଲା ନାହିଁ । ଯେଉଁ ସ୍କୋପିଓରେ ମୃତା ସ୍ୱିତାରାଣୀଙ୍କୁ ଡାକ୍ତରଖାନା ନିଆଗଲା ସେ ଗାଡି କାହାର ଏବଂ ସେଗାଡିକୁ ପୋଲିସ କଣ ପାଇଁ ସିଜ କରିଲା ନାହିଁ ବୋଲି ଶ୍ରୀ ନାଏକ ପ୍ରଶ୍ନ କରିଛନ୍ତି । ରାଜ୍ୟସରକାର ମହିଳା ସଶକ୍ତିକରଣ , ମୋ ସରକାର, ମୋ ପୋଲିସ ଏବଂ ୫ଟି କଥା କହୁଥିବାବେଳେ ଏକ ସରକାରୀ କର୍ମଚାରି ଓ ମହିଳାଙ୍କ ମୃତ୍ୟୁପରେ ତାଙ୍କୁ ନ୍ୟାୟ ମିଳୁନାହିଁ । ମହିଳା କମିଶନ ଘଟଣା ସ୍ଥଳକୁ ଯାଇଥିଲେ ବି ଆଶ୍ଚର୍ଯ୍ୟ ଜନକ ଭାବେ ମୃତା ସ୍ୱିତାରାଣିଙ୍କର ପରିବାର ଲୋକଙ୍କୁ ଭେଟିଲେ ନାହିଁ । ପିଇଓ ସ୍ୱିତାରାଣୀ ବିଶ୍ୱାଳଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରି ତାଙ୍କୁ ତୁରନ୍ତ ନ୍ୟାୟ ଦିଆଯାଉ ବୋଲି ଶ୍ରୀ ନାଏକ କହିଛନ୍ତି ।

**୫-ଟି'କୁ ନେଇ ପ୍ରଶ୍ନ ଉଠାଇଲେ ବିଜେପି ସାଂସଦ ଅପରାଜିତା**

# ୨୦ ବର୍ଷ ପରେ ୫-ଟି କାହିଁକି ?

**ଭୁବନେଶ୍ୱର :** ଆଇଏଏସ ପ୍ରଶିକ୍ଷଣ ସମୟରେ ୫-ଟି ( ଟ୍ରାନ୍ସପରେନ୍ସି, ଟିମ ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସଫରମେସନ ଏବଂ ଟାଇମ)ପାଠ ପଢାଯାଉଥିଲା । ରାଜ୍ୟ ସରକାର ଲାଗୁ କରିଥିବା ୫-ଟି ଏକ ଅଭିନବ ପଦକ୍ଷେପ ନୁହେଁ । ଏଥିରେ କୌଣସି ନୂତନତ୍ୱ ନାହିଁ, ଏହା ବହୁତ ପୁରୁଣା କଥା । ଏହା ସୁଶାସନର ପକ୍ଷ ନୁହେଁ । ଶାସକ ବିଜେଡି ୨୦ ବର୍ଷ ଧରି ରାଜ୍ୟରେ ଶାସନ କରୁଥିବାବେଳେ ହଠାତ୍ ଏବେ କାହିଁକି ୫-ଟି ଅଣାଗଲା ବୋଲି ଭୁବନେଶ୍ୱର ବିଜେପି ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ପ୍ରଶ୍ନ କରିଛନ୍ତି । ଏବେ ରାଜ୍ୟ ସରକାର ଲାଗୁ କରିଥିବା ୫-ଟି ୨୦ ବର୍ଷ ଧରି ଲାଗୁ ହୋଇନଥିଲା କି ? ସରକାରୀ ସିଷ୍ଟମରେ ୫-ଟିକୁ ଲାଗୁ କରାଯାଇ ନଥିଲା କି ? ରାଜ୍ୟସରକାର ୫-ଟି ଏକ ଅଲଗା ବିଭାଗ କରି ଜଣକୁ ଦାୟୀତ୍ୱ ଦେଇ ବିଭାଗୀୟ ମନ୍ତ୍ରୀ ଏବଂ ସଚିବ ମାନଙ୍କୁ ଦୁର୍ବଳ କରୁଛନ୍ତି କି ? ଗୃହ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ପରି ଅନେକ ବିଭାଗର ସଚିବ ଏବଂ ମନ୍ତ୍ରୀଙ୍କ ପାରିବାପଣିଆ ଓ ଯୋଗ୍ୟତା ଉପରେ



ରାଜ୍ୟସରକାର ପ୍ରଶ୍ନ ଉଠାଉଛନ୍ତି କି ବୋଲି ଶ୍ରୀମତୀ ଷଡଙ୍ଗୀ ପ୍ରଶ୍ନ କରିଛନ୍ତି । ସେହିପରି ୫-ଟି ପାଇଁ ଅଲଗା ବିଭାଗ କରିବା ପରିବର୍ତେ ବିଭିନ୍ନ ବିଭାଗର ଦାୟୀତ୍ୱରେ ଥିବା ସଚିବ ଏବଂ ମନ୍ତ୍ରୀ ମାନଙ୍କୁ ସଶକ୍ତ ଏବଂ ସକ୍ଷମ କରାଯାଉ । ୫-ଟି ଦ୍ୱାରା କାର୍ଯ୍ୟ ହେଉ କିନ୍ତୁ ଏହାକୁ ଏକ ଅଲଗା ବିଭାଗ କରି ଜଣକୁ ସମସ୍ତ କ୍ଷମତା ଦେବା ଠିକ୍ ନୁହେଁ । ପ୍ରଚଳିତ ବ୍ୟବସ୍ଥାକୁ ଅଧିକ ସୁଦୃଢ କରାଗଲେ ଜନସାଧାରଣ ଉପକୃତ ହେବେ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ।

# 'ଜନଜାତିଙ୍କ ବିକାଶ ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରାଯିବ'

**ଭୁବନେଶ୍ୱର:** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଏକ ଦିନିକିଆ ପରାମର୍ଶଭିତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜନଜାତି ବିକାଶ ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପୁନଃଅଭିମୁଖୀକରଣ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନଜାତିଙ୍କର ସାମ୍ପ୍ରତିକ ପ୍ରସଙ୍ଗ ଓ ଆହ୍ୱାନ ଆଧାରରେ ଭବିଷ୍ୟତ ପାଇଁ ସୁଚିନ୍ତିତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ । ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଆର.ବାଲକ୍ରିଷ୍ଣନ୍, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଏସସିଏସଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ଓ ଅନ୍ୟାନ୍ୟ କ୍ଷେତ୍ର ବିଶେଷଜ୍ଞ ଉପସ୍ଥିତ ଥିଲେ । ଆଦିବାସୀ ଉନ୍ନୟନ ସଂସ୍ଥାର କାର୍ଯ୍ୟଧାରାର ଫଳପ୍ରଦ ଓ ଆନୁଷ୍ଠାନିକ ପ୍ରକ୍ରିୟା, ଜନଜାତି ବିକାଶର ମୁଖ୍ୟ ପ୍ରସଙ୍ଗ, ଆହ୍ୱାନ ଓ ଲକ୍ଷ୍ୟ ପୂରଣ ଦିଗରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଆଇଟିଡିଏର ସୁଦୃଢ଼ୀକରଣ ଉପରେ ଆଲୋଚନା କରାଯାଇଥିଲା । ଜନଜାତିମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ଆବଶ୍ୟକତା ଅନୁସାରେ ନୂତନ ଦିଗ୍‌ଦର୍ଶନଗୁଡ଼ିକର ରୂପାନ୍ତରୀକରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଜନଜାତି ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ବିଭିନ୍ନ ବିଭାଗ ଓ ଅନୁଷ୍ଠାନ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ସହିତ ମିଳିତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଆଇଟିଡିଏଗୁଡ଼ିକ ଜନଜାତି ସଂସ୍କୃତି ଓ ପରିଚିତିର ସୁରକ୍ଷା ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଆବଶ୍ୟକ । ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଜନଜାତି ଶିକ୍ଷା, ସ୍ୱାସ୍ଥ୍ୟ, ସଶକ୍ତିକରଣ, ପୁଷ୍ଟି ଓ ଖାଦ୍ୟ ନିରାପତ୍ତା ଦିଗରେ ବିଶେଷ ଧ୍ୟାନ ଦେବା ନିମନ୍ତେ ବିଶେଷଜ୍ଞମାନେ ଏହି କର୍ମଶାଳାରେ ଗୁରୁତ୍ୱ ଆରୋପ କରିଥିଲେ । ଏହି କର୍ମଶାଳାରେ ବିଶେଷଜ୍ଞମାନଙ୍କର ସୁଚିନ୍ତିତ ମତାମତ ଉପରେ ଆଗାମୀ ଦିନରେ ଜନଜାତି ବିକାଶ ପାଇଁ ନୂତନ ମାର୍ଗ ପ୍ରସ୍ତୁତ କରାଯିବ । ଖୋଲା ବିଚାରମିମର୍ଷ ମାଧ୍ୟମରେ ଜନଜାତି ଉନ୍ନୟନ ନିମନ୍ତେ ଏକ ପଥନକ୍ସା ପ୍ରସ୍ତୁତ କରାଯିବ । ଏହା ମାଧ୍ୟମରେ ଜନଜାତି ପରବାରଙ୍କ ଜୀବନ ଓ ଜୀବିକାରେ ଉନ୍ନତି, ଅର୍ଥନୈତିକ ବିକାଶ, ସେମାନଙ୍କର ବାସ୍ତବ ସ୍ଥିତି ଓ ଆବଶ୍ୟକତା ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱୟରେ ସ୍ୱାସ୍ଥ୍ୟ ଓ ପୌଷ୍ଟିକ, ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯିବ ।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ୩ ସପ୍ତାହ ବୃଦ୍ଧି

**ଭୁବନେଶ୍ୱର :** ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଅବଧି ବୃଦ୍ଧି ପାଇଛି । ସେପ୍ଟେମ୍ବର ୨ ତରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଗୁରୁବାର ଶେଷ ଦିନ ହୋଇଥିବା ବେଳେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ୩ ସପ୍ତାହ ବୃଦ୍ଧି କରିଛନ୍ତି । ଟାର୍ଗେଟ୍ ଅନୁଯାୟୀ ସଭ୍ୟ ସଂଗ୍ରହ ହୋଇ ପାରିନଥିବାରୁ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ଲକ୍ଷ୍ୟ ପୂରଣ କରିବାକୁ ବିଜେଡି ଜିଲ୍ଲା ସଭାପତି ଓ ପର୍ଯ୍ୟବେକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ସୁଦ୍ଧା ୪୧ ଲକ୍ଷ ସଭ୍ୟ ସଂଗ୍ରହ ହୋଇଛି । ଯାଜପୁର ଜିଲ୍ଲାରେ ସର୍ବାଧିକ ୪ ଲକ୍ଷ ୮୧ ହଜାର ସଭ୍ୟ ସଂଗ୍ରହ କରାଯାଇଛି । ୫୦ ଲକ୍ଷ ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଗତ କିଛିଦିନ ଧରି ନିୟମିତ ଭାବେ ବିଭିନ୍ନ ଜିଲ୍ଲା



ପର୍ଯ୍ୟବେକ୍ଷକ, ଜିଲ୍ଲା ସଭାପତି ଓ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ ନିଜେ ଫୋନ୍ କରି ସଭ୍ୟ ସଂଗ୍ରହର ସ୍ଥିତି ପଚାରି ବୁଝିବା ସହ ଏହାକୁ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଉଛନ୍ତି । ଫୋନ୍ ପାଉଥିବା ନେତାମାନେ ଏବେ ନିଜ ଅଂଚଳରେ ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିବାରେ ଲାଗିଥିବା ଜଣାପଡ଼ିଛି । ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସଭ୍ୟ ସଂଗ୍ରହରେ ସବୁଠୁ ଆଗରେ ଯାଜପୁର ଥିବାବେଳେ ତା'ପଛକୁ ମୟୂରଭଞ୍ଜ, ଗଞ୍ଜାମ ଓ କଟକ ଆଦି ଜିଲ୍ଲା ରହିଥିବାରୁ ଶ୍ରୀ ପଟ୍ଟନାୟକ ପ୍ରଶଂସା କରିଥିଲେ । ତେବେ ପଛରେ ପଡ଼ିଥିବା ଝାରସୁଗୁଡ଼ା, ବୌଦ, ଗଜପତି ଆଦି ଜିଲ୍ଲାରେ ସଭ୍ୟ ସଂଗ୍ରହର ଅଗ୍ରଗତିକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଦଳ ଏଥର ପ୍ରାୟ ଏକ କୋଟି ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଥିବାବେଳେ ଆଜିସୁଦ୍ଧା ଅନଲାଇନରେ ମାତ୍ର ୧୪ଲକ୍ଷ ସଭ୍ୟ ସଂଗ୍ରହ ହୋଇଥିବା ସୂଚନା ମିଳିଛି । ତେବେ ଅଫଲାଇନରେ ଏହି ସଭ୍ୟ ସଂଗ୍ରହ ସଂଖ୍ୟା ୩୮ରୁ ୪୦ଲକ୍ଷ ହେବ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି । ଅନଲାଇନରେ ସଭ୍ୟମାନଙ୍କ ଡାଟା ଅପଲୋଡ୍ ପାଇଁ ସମୟ ଲାଗୁଥିବାବେଳେ ଆଉ ୩ ସପ୍ତାହ ମଧ୍ୟରେ ଧାର୍ଯ୍ୟଲକ୍ଷ୍ୟ ପରିମାଣର ସଭ୍ୟ ସଂଗ୍ରହ କରାଯିବ ବୋଲି ଦଳର ବରିଷ୍ଠ ନେତାମାନେ ମତବ୍ୟକ୍ତ କରିଛନ୍ତି ।

# ଚଳିତ ବର୍ଷ କିଣାଯିବ ୬୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ

**ଭୁବନେଶ୍ୱର :** ଆସନ୍ତା ନଭେମ୍ବର ୧ ତାରିଖ ଠାରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଖରିଫ ଧାନ ସଂଗ୍ରହ କରିବା ପାଇଁ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତି ନିଆଯାଇଛି । ଚଳିତ ବର୍ଷ ୬୦ ଲକ୍ଷ ମାଟ୍ରିକ୍ ଟନ୍ ଧାନ ସଂଗ୍ରହ କରାହେବ । ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଧାନ କିଣା କମିଟି ବୈଠକରେ ଏ ବିଷୟରେ ନିଷ୍ପତି ହୋଇଛି । ଧାନ କିଣା ପାଇଁ କରାଯାଇଥିବା ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରି ଧାନ କିଣାର ୪୮ ଘଂଟା ମଧ୍ୟରେ ଧାନର ମୂଲ୍ୟ ସଂପୃକ୍ତ ଚାଷୀମାନଙ୍କର ବ୍ୟାଙ୍କ୍ ଖାତାରେ ସିଧାସଳଖ ଜମା କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦକ୍ଷତା ଓ ଭିତିଭୂମି ଭିତିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଧାନ କିଣାରେ ସାମିଲ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ୯ଟି ଜିଲ୍ଲାରେ ପ୍ରାୟ ୧୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ଧାନ କିଣା ପ୍ରକ୍ରିୟାକୁ ମଧ୍ୟସ୍ଥ ଏବଂ ଟ୍ରେଡର ଦଲାଲ ମୁକ୍ତ ରଖିବା ପାଇଁ ଏହାକୁ



ସଂପୂର୍ଣ୍ଣ ଭାବେ ଚାଷୀଙ୍କ ଆଧାର ନମ୍ବର ଭିତିକ କରିବାକୁ ବୈଠକରେ ନିଷ୍ପତି ହୋଇଥିଲା । ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀ ବିର ବିକ୍ରମ ଯାଦବ ଜଣାଇଥିଲେ ଯେ ଚଳିତ ବର୍ଷ ଧାନ ବିକ୍ରୀ କରିବା ପାଇଁ ପି-ପାସ୍ ବ୍ୟବସ୍ଥାରେ ପ୍ରାୟ ୧୨.୩୫ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ଚଳିତ ବର୍ଷ ଧାନ କିଣା ନଭେମ୍ବର ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚାଲିବ । ଧାନ କିଣାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭାଗଚାଷୀ ମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଚଳିତ ଋତୁରେ ୨୬୬୮ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ୍) ଏଥିରେ ସାମିଲ ହେବେ । କ୍ରୟ ପ୍ରକ୍ରିୟାକୁ ମଧ୍ୟ ଅନ୍ ଲାଇନ୍ କରାଯିବ । କେବଳ ନିର୍ଭର ଯୋଗ୍ୟ ଇଣ୍ଟରନେଟ୍ ବ୍ୟବସ୍ଥା ନଥିବା ୧୨୫ଟି ପାକ୍ସ୍ ରେ ଅଫ୍-ଲାଇନ୍ ବ୍ୟବସ୍ଥା ରହିବ । ପ୍ରାପ୍ତ ସୂଚନାରୁ ଜଣାପଡିଛି, ଗତ ଋତୁରେ କଳାହାଣ୍ଡି ଜିଲ୍ଲାରେ ୧୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନ କିଣାରେ ପରୀକ୍ଷା ମୂଳକଭାବେ ସାମିଲ କରାଯାଇଥିଲା । ତାହାର ସଫଳତା ଭିତିରେ ଚଳିତ ଋତୁରେ ବରଗଡ, ଭଦ୍ରଖ, ବଲାଙ୍ଗିର, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ନୂଆପଡା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରେ ୧୫୦ ଗୋଷ୍ଠୀଙ୍କୁ ସାମିଲ କରାଯିବ । ବୈଠକରେ ଧାନ କିଣାରେ ଅଂଶଗ୍ରହଣକାରୀ ମିଲର୍ ମାନଙ୍କ ପାଇଁ ସର୍ତାବଳୀ ନିର୍ଦ୍ଧିଷ୍ଟ କରାଯାଇଥିଲା । ପୂର୍ବରୁ ନେଇଥିବା ଧାନ ବାବଦରେ ୧୦୦% ଭାଗ ଚାଉଳ ଦେଇନଥିବା କିମ୍ବା ଯୋଗାଣ ନିଗମର ହିସାବପତ୍ର ବାକି ରଖିଥିବା ମିଲର୍ ମାନଙ୍କୁ ଚଳିତ ଋତୁରେ ଧାନ କିଣିବାକୁ ଅନୁମତି ଦିଆଯିବନାହିଁ । ସର୍ବନିମ୍ନ ସହାୟକ ମୂଲ୍ୟଭାବେ ସାଧାରଣ ଧାନର ମୂଲ୍ୟ କ୍ୱିଂଟାଲ୍ ପିଛା ୧୮୧୫ ଟଙ୍କା ଏବଂ ଏ-ଗ୍ରେଡ୍ ଧାନର ମୂଲ୍ୟ ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି । ଧାନ କିଣା ପାଇଁ ୩୩୧୧ଟି ମଣ୍ଡି, ୨୫୯ଟି ଡିପୋ ଏବଂ ୧୩୦୦ ମିଲରଙ୍କୁ ତାଲିକା ଭୁକ୍ତ କରାଯାଇଛି । କୃଷି ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଶାସନ ସଚିବ ଶ୍ରୀ ବିର ବିକ୍ରମ ଯାଦବ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଶାସନ ସଚିବ ମନୋଜ ମିଶ୍ର ମିଶନ ଶକ୍ତି ନିର୍ଦ୍ଦେଶିକା ଶ୍ରୀମତୀ ସୁଜାତା କାର୍ତିକେୟନଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ୧୦ ଆଇଏଏସ୍‌ଙ୍କ ହାତରେ ୧୩ ମେଡ଼ିକାଲର ଦାୟିତ୍ୱ

**ଭୁବନେଶ୍ୱର:** ୧୦ ଜଣ ଅତି ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ୧୩ଟି ମେଡ଼ିକାଲ କଲେଜର ସଂଯୋଜକ ଦାୟିତ୍ୱରେ ରଖାଯାଇଛି । ଏ ସମ୍ପର୍କରେ ଏକ ଆଦେଶନାମା ପ୍ରକାଶ ପାଇଛି । ସମ୍ପୃକ୍ତ ଅଧିକାରୀମାନେ ମେଡ଼ିକାଲ କଲେଜ ହସ୍ପିଟାଲର ସାମଗ୍ରିକ ବିକାଶ (ଭିତିଭୂମି), କାର୍ଯ୍ୟାବଳୀ, ଉଚିତ ପ୍ରଦର୍ଶନ ଦିଗରେ ଦୃଷ୍ଟି ଦେବେ । ଉକ୍ତ ଆଦେଶନାମା ଅନୁଯାୟୀ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ସୁରେଶ କୁମାର ମହାପାତ୍ରଙ୍କୁ ସୁନ୍ଦରଗଡ଼ ମେଡ଼କାଲ କଲେଜ ହସ୍ପିଟାଲ ଓ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନିଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚର ଦାୟିତ୍ୱରେ ରଖାଯାଇଛି । କୃଷି ଉତ୍ପାଦ କମିଶନର ପ୍ରଦୀପ କୁମାର ମହାପାତ୍ରଙ୍କୁ ବାଲେଶ୍ୱରସ୍ଥିତ ଫକୀରମୋହନ ମେଡ଼ିକାଲ କଲେଜ ହସ୍ପିଟାଲ ଏବଂ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡ଼ିକାଲ ଆଣ୍ଡ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଥିଲା ବେଳେ ଇସ୍ପାତ ଓ ଖଣି ବିଭାଗର ସଚିବ ତଥା ଅତିରିକ୍ତ ଶାସନ ସଚିବ ରାଜ କୁମାର ଶର୍ମାଙ୍କୁ କେଉଁଝରସ୍ଥିତ ସରକାରୀ ମେଡ଼କାଲ କଲେଜ ଏବଂ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି । ଏହା ବ୍ୟତୀତ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ମୋନା ଶର୍ମାଙ୍କୁ ଯାଜପୁର ମେଡ଼ିକାଲ କଲେଜ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଥିଲା ବେଳେ ଇଏସଆଇ ଆଣ୍ଡ ଡବ୍ଲୁ ଆଣ୍ଡ ସିଡ଼ି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗଙ୍କୁ ଅନୁଗୋଳ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି । ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଂଜ ବିହାରୀ ଧଳଙ୍କୁ କନ୍ଧମାଳ ମେଡ଼ିକାଲ କଲେଜ ହସ୍ପିଟାଲ, ବଲାଙ୍ଗୀରସ୍ଥିତ ସନ୍ଥ ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି । ଅର୍ଥ ବିଭାଗର ଅଶୋକ କୁମାର ମୀନାଙ୍କୁ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି । ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କୁ ମୟୁରଭଂଜସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଥିଲା ବେଳେ ବାଣିଜ୍ୟ ଏବଂ ଶିଳ୍ପ ବିଭାଗର ସଚିବ ହେମନ୍ତ ଶର୍ମାଙ୍କୁ ଭବାନୀପାଟଣାସ୍ଥିତ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଓ ପୂର୍ତ ବିଭାଗର ସଚିବ ଡଃ. କିଷନ କୁମାରଙ୍କୁ ପୁରୀ ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ହସ୍ପିଟାଲ ଦାୟିତ୍ୱରେ ରଖାଯାଇଛି ।

## ଆନ୍ଦୋଳନରୁ ଓହରିଲେ ଓକିଲ

**ଭୁବନେଶ୍ୱର :** ଦୀର୍ଘ ଦିନର ଆନ୍ଦୋଳନ ପରେ ନରମିଛନ୍ତି ଆଇନଜୀବୀ । ସୋମବାରଠାରୁ କାର୍ଯ୍ୟରେ ଯୋଗଦେବାକୁ ଓକିଲ ମାନେ ନିଷ୍ପତି ନେଇଛନ୍ତି । ଶୁକ୍ରବାର ହାଇକୋର୍ଟ ବାର ଆସୋସିଏସନ ବୈଠକ ପରେ ଆନ୍ଦୋଳନ ସ୍ଥଗିତ ରଖିବା ନେଇ ଆସୋସଇଏସନ୍ ର ସଭାପତି ଗୋପାଳକୃଷ୍ଣ ମହାନ୍ତି ସୂଚନା ଦେଇଛନ୍ତି । କେନ୍ଦ୍ର ଆଇନ୍ ମନ୍ତ୍ରୀ ଦାବି ପୂରଣ ସମ୍ପର୍କରେ ବିଚାର କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର କୁ ବୋଲି ସେ କହିଛନ୍ତି । ସୂଚନାଯୋ୍ୟ ହାଇକୋର୍ଟରେ କଲେଜିୟମ ବ୍ୟବସ୍ଥାକୁ ବିରୋଧ କରି ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିଲେ ।ଏହାକୁ ନେଇ ସୁପ୍ରିମକୋର୍ଟ ଓ ବାର କାଉନସିଲ ଅଫ ଇଣ୍ଡିଆ ଅସନ୍ତୋଷ ପ୍ରକାଶ କରିଥିଲେ । ଗତ ସପ୍ତାହରେ ବାର କାଉନସିଲ ଅଫ ଇଣ୍ଡିଆ ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗ ଦେବା ପାଇଁ ଓକିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହାଇକୋର୍ଟ ବାର ଆସୋସିଏସନ୍ ସହ ରାଜ୍ୟର ମୋଟ ୬୮ଟି ବାରକୁ ଚିଠି ଲେଖି ତାଗିଦ କରିଥିଲେ ବାର କାଉନସିଲ ଅଫ ଇଣ୍ଡିଆ ବା ବିସିଆଇ । କାର୍ଯ୍ୟରେ ଯୋଗ ନଦେଲେ ଆଇନଜୀବୀଙ୍କୁ ନିଲମ୍ବିତ କରାଯିବ, ଏହା ସେମାନଙ୍କୁ କୌଣସି ନିର୍ବାଚନରେ ଲଢିବାରୁ ଅଯୋଗ୍ୟ ଘୋଷଣା କରାଯିବ ବୋଲି ଚେତାବନୀ ଦେଇଥିଲେ ବିସିଆଇ ।

# 'ନୂତନତା, ଔଦ୍ୟୋଗିକତା ଓ ସହଭାଗିତା ଶୈକ୍ଷିକ ବିପ୍ଳବର ଚାବିକାଠି'

**ଭୁବନେଶ୍ୱର:** ଶିକ୍ଷା ତଥା ଜନ ଜୀବନ ଧାରା ପରିବର୍ତନ ନିମନ୍ତେ ନବସୃଜନ, ଔଦ୍ୟୋଗିକତା ଏବଂ ସହଯୋଗିତା ହିଁ ଚାବିକାଠି ବୋଲି ମାଗାସେସ୍ ପୁରସ୍କାର ବିଜେତା ସୋନମ୍ ୱାଙ୍ଗଚୁକ୍ ମତ ପ୍ରଦାନ କରିଛନ୍ତି । ଲୋକସେବା ଭବନରେ ଆଜି ଏକବିଂଶତମ ଓଡ଼ିଶା ଜ୍ଞାନପୁଞ୍ଜ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେଇ ୱାଙ୍ଗଚୁକ୍ କହିଛନ୍ତି ଯେ ନ୍ୟୁୟର୍କ କିମ୍ବା ନୂଆଦିଲ୍ଲୀକୁ ଅପେକ୍ଷା ନ କରି ଲୋକସମୂହ ସେମାନଙ୍କର ସମସ୍ରାର ସମାଧାନ ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ । ଜ୍ଞାତକୁ ଅଜ୍ଞାତକୁ ଯାତ୍ରା କରିବା ନିମନ୍ତେ ଯଥାର୍ଥ କୌଶଳ ଅବଲମ୍ବନ କରିବା ହେତୁ ଶିକ୍ଷା କ୍ଷେତ୍ରରେ ନୂତନତ୍ୱ ଆସିବା ସମ୍ଭବ ହୋଇପାରିଛି । ଏହି ନୂତନତ୍ୱ ବିଭିନ୍ନ ଲୋକଗୋଷ୍ଠୀ ଓ ନାଗରିକ ସମାଜ ସଂଗଠନଗୁଡ଼ିକର ସହଯୋଗିତା ବଳରେ ବିକଳ୍ପ ଶିକ୍ଷାର ପରବର୍ତୀ ସୋପାନକୁ ଯାଇପାରିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ୱାଙ୍ଗଚୁକ୍ ଲଦାଖ୍‌ରେ ଉପଯୁକ୍ତ ଭାବରେ ଉପରୋକ୍ତ କୌଶଳ ପ୍ରୟେଗ କରି ସଫଳ ହୋଇଛନ୍ତି ଏବଂ ଦେଶର ଅନ୍ୟାନ୍ୟ ଅଂଚଳରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିବ ବୋଲି ଆଶା ପ୍ରକଟ କରିଛନ୍ତି । ବର୍ତମାନର ଶିକ୍ଷାରେ ବଦ୍ୟାର୍ଥୀମାନେ ଅଧ୍ୟୟନ, ଲିଖନ ଓ ଅଂକ କଷିବାରେ ମନ ଦେଇଥିବା ବେଳେ ପରବର୍ତୀ ସମୟରେ ଉନ୍ନତ ମସ୍ତିଷ୍କ, ଦୟାଶୀଳ ହୃଦୟ ଓ କୁଶଳୀ ହାତ ଉପରେ ଶିକ୍ଷା ବ୍ୟବସ୍ଥା ପର୍ଯ୍ୟବେଶିତ ହେବ । ସେ ଏହାକୁ ପରବର୍ତୀ ଶୈକ୍ଷିକ ବିପ୍ଳବ ଭାବରେ ଅଭିହିତ କରିଛନ୍ତି । ଓଡ଼ିଶା ସମ୍ପର୍କରେ ମତାମତ ଦେଇ ଶ୍ରୀ ୱାଙ୍ଗଚୁକ୍ କହିଛନ୍ତି ଯେ ରାଜ୍ରରେ ସଂଗଠିତ ମହତ୍ ଘଟଣାଗୁଡ଼ିକ ବାବଦରେ ସେ ଶୁଣିଛନ୍ତି । ଏଠାରେ ରାଜ୍ୟ ସରକାର ନବସୃଜନ ଓ ପରିବର୍ତନ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ଉପର ସ୍ତରରେ ସମସ୍ୟା ଅବଗତି




ନିମନ୍ତେ ସରକାରଙ୍କ ପକ୍ଷରୁ ଚମତ୍କାର ବ୍ୟବସ୍ଥା ସୃଷ୍ଟି କରାଯାଇଛି ଏବଂ ଏହା ଅନ୍ୟାନ୍ୟ ସ୍ଥାନରେ ଦୃଷ୍ଟିଗୋଚର ହେବା ବିରଳ ବୋଲି ଦର୍ଶାଇ ଶ୍ରୀ ୱାଙ୍ଗଚୁକ୍ ଓଡ଼ିଶାକୁ ପ୍ରଶଂସା କରିଛନ୍ତି । ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଶ୍ରୀ ୱାଙ୍ଗଚୁକଙ୍କ ପରିଚୟ ପ୍ରଦାନ ପ୍ରସଙ୍ଗରେ କହିଥିଲେ ଯେ, ବିକଳ୍ପ ଶିକ୍ଷା କ୍ଷେତ୍ରରେ ହିମାଳୟ ଅଂଚଳର ଲଦାଖରେ ଜନ୍ମିତ ଶ୍ରୀ ୱାଂଗଚୁକ୍ ଜଣେ ପ୍ରେରଣାଦାୟୀ ପ୍ରସିଦ୍ଧ ବ୍ୟକ୍ତିତ୍ୱ । ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ଅକୃତକାର୍ଯ୍ୟ ହେଉଥିବା ଶିକ୍ଷାର୍ଥି ମାନଙ୍କୁ ନେଇ ସେ ବିକଳ୍ପ ଶିକ୍ଷଣର ଅନବଦ୍ୟ ନୂତନତ୍ୱକୁ ସଫଳତାର ସହିତ ପ୍ରଦର୍ଶନ କରିପାରିଛନ୍ତି । ଓଡ଼ିଶା ଦକ୍ଷତା ବିକାଶ କର୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ମଧ୍ୟ ଶ୍ରୀ ୱାଙ୍ଗଚୁକ୍‌ଙ୍କ ଅସାଧାରଣ ଅବଦାନର ପ୍ରଶଂସାପୂର୍ବକ ତାଙ୍କୁ ଓଡ଼ିଶା ଜ୍ଞାନପୁଂଜ ସ୍ମାରକ ପ୍ରଦାନ କରିଥିଲେ । ପରେ ପରେ ମୁକ୍ତ ଆଲୋଚନାରେ ଓଡ଼ିଶା ସରକାରଙ୍କ ଆଦର୍ଶ ବିଦ୍ୟାଳୟ ଉପଦେଷ୍ଟା ଡ. ବିଜୟ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ପମୁଖ ଶାସନ ସଚିବ ବୃନ୍ଦ, ଶିକ୍ଷାବିତ୍ ଏବଂ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଜ୍ଞାନପୁଞ୍ଜ ବକ୍ତୃତାମାଳାର ଲୋକପ୍ରିୟତା ବୃଦ୍ଧି ପାଇଥିବା ପରିପ୍ରେକ୍ଷୀରେ ଆଜିର କାର୍ଯ୍ୟକ୍ରମ ଲୋକସେବା ଭବନର ଅନ୍ୟ ଦୁଇଟି ସମ୍ମିଳନୀ କକ୍ଷ ଓ ବିଭିନ୍ନ ଜିଲ୍ଲା ସଦର ମହକୁମା ଦପ୍ତରକୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ସମ୍ପ୍ରସାରିତ ହୋଇଥିଲା । ଜିଲ୍ଲାଗୁଡ଼ିକର ଜିଲ୍ଲାପାଳ, ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷକ ଓ ଗବେଷକମାନେ ମଧ୍ୟ ଏହି ଭିଡ଼ିଓ କନଫରେନ୍ସିଂରେ ଅଂଶ ଗ୍ରହଣକରିଥିଲେ ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୪ - ୧୦ ନଭେମ୍ବର, ୨୦୧୯


# ସଫଳତା ହେଉ ଲକ୍ଷ୍ୟ

**ବ**ର୍ତ୍ତମାନ ସମୟରେ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମ ବା ଟେଲିଭିଜନ ଅପେକ୍ଷା ସୋସିଆଲ ମିଡିଆର ଗୁରୁତ୍ୱ ଯେଉଁଭଳି ଭାବେ ବୃଦ୍ଧି ପାଉଛି ତାହା ଅନେକାଂଶରେ ଉପଯୋଗୀ ହୋଇଥିଲେ ବି ଏହାର ନକାରାତ୍ମକ ଦିଗ ବି କିଛି କମ୍ ନୁହେଁ। ଚିନ୍ତାଶୀଳ ଏବଂ ବୁଦ୍ଧିଜୀବୀ ବ୍ୟକ୍ତିମାନେ ଯେଉଁ କଥାକୁ ଆଲୋଚନା ଜରିଆରେ ସମାଧାନ କରିବା ପାଇଁ ଚେଷ୍ଟା କରୁଛନ୍ତି ସେଠାରେ ଆଉ କେତେକ ଏହାକୁ ଅତିରଞ୍ଜିତ କରି ସୋସିଆଲ ମିଡିଆରେ ସ୍ଥାନ ଦେଉଛନ୍ତି। ଏଭଳି ହେଉଛି ଯେ, ଏଥିରେ ବାସ୍ତବତା ଅପେକ୍ଷା ବହୁ ମିଥ୍ୟା ତଥା ଗୁଜବ ଭଳି ଘଟଣା ସ୍ଥାନ ପାଉଛି। ଯେଉଁଥିପାଇଁ ବେଳେ ବେଳେ ଅସଲ ତଥ୍ୟରୁ ଲୋକଙ୍କ ନଜର ହଟି ମିଛ ତଥା ରଙ୍ଗବୋଳା କାହାଣୀ ଉପରେ ଦୃଷ୍ଟି ନିବଦ୍ଧ ରହୁଛି। ଯେଉଁ ତଥ୍ୟ ଟେଲିଭିଜନ କିମ୍ବା ଖବରକାଗଜ ଉପସ୍ଥାପିତ କରୁଛନ୍ତି ତାହାର ଦୃଷ୍ଟିଭଙ୍ଗୀ ଏବଂ ସୋସିଆଲ ମିଡିଆରେ ପ୍ରକାଶ ପାଉଥିବା କାହାଣୀର ଦୃଷ୍ଟିଭଙ୍ଗୀ ଭିତରେ ଢ଼େର ପାର୍ଥକ୍ୟ ରହିଛି। ପ୍ରତିଷ୍ଠିତ ଗଣମାଧ୍ୟମ ମାନେ ନିଜ ନିଜର ପ୍ରତିନିଧିଙ୍କ ଜରିଆରେ ତଥ୍ୟ ସଂଗ୍ରହ କରୁଥିଲା ବେଳେ ଆଉ କେତେକ ଏଜେନ୍ସି ଠାରୁ ତଥ୍ୟ ଆଣି ପ୍ରକାଶ କରିଥାନ୍ତି। କିନ୍ତୁ ସୋସିଆଲ ମିଡିଆରେ ଏହାର ବ୍ୟତିକ୍ରମ ଦେଖାଯାଏ। ଦେଖା କଥା ଅପେକ୍ଷା ଶୁଣା କଥାର ଗୁରୁତ୍ୱ ସୋସିଆଲ ମିଡିଆରେ ବେଶୀ। ଘଟଣା ସମ୍ପର୍କରେ ଅନୁସନ୍ଧାନ ନକରି ସୋସିଆଲ ମିଡିଆ ବ୍ୟବହାର କରୁଥିବା ବ୍ୟବହାରକାରୀମାନେ ନିଜର ମନ ପସନ୍ଦ ପ୍ରଶଂସା ବା ନିନ୍ଦା କରିବାକୁ ପଛାଇ ନଥାନ୍ତି। ଏହା କେବଳ ସାମାଜିକ ସ୍ତରରେ ସୀମିତ ନ ରହି ଧର୍ମ, ରାଜନୀତି ଓ ଜାତୀୟତା ପ୍ରସଙ୍ଗକୁ ମଧ୍ୟ ପ୍ରଭାବିତ କରୁଛି। ଯାହାର ଫାଇଦା ରାଜନେତା ଓ ପ୍ରଶାସନରେ ଥିବା ଅଧିକାରୀମାନେ ପାଉଥିଲେ ବି ଏହାର ନିନ୍ଦା ଦିଗଟି କିଛି କମ ନୁହେଁ। କେଉଁ ସରକାରୀ ଯୋଜନାରେ କିଭଳି ଘୋଟାଲା ହେଉଛି ଏବଂ ଯୋଜନା ଅର୍ଥ କିଭଳି ବାଟମାରଣା ହେଉଛି ତାହା ଖବରକାଗଜରେ ପ୍ରକାଶ ପାଇବା ହେଉ କିମ୍ବା ଟେଲିଭିଜନରେ ପ୍ରସାରଣ ହେବା ଆଗରୁ ବ୍ୟାପୀ ଯାଉଛି। ଯେଉଁ କଥାଟି ୨୪ଘଣ୍ଟା ପରେ ଲୋକଲୋଚନକୁ ଆସିବା କଥା ତାହା ତତ୍କ୍ଷଣାତ ସୋସିଆଲ ମିଡିଆରେ ସ୍ଥାନ ପାଇ ଚର୍ଚ୍ଚାର ପରିସରକୁ ମଧ୍ୟ ଆସିଯାଉଛି। କେହି କେହି ସୋସିଆଲ ମିଡିଆର ତଥ୍ୟ ଉପରେ ସନ୍ଦେହ ପ୍ରକଟ କରୁଥିଲା ବେଳେ ଆଉ କେହି କେହି ଏହାକୁ ନିଜର ଦକ୍ଷତାର ପ୍ରମାଣ ଭାବେ ବ୍ୟବହାର କରୁଛନ୍ତି। କିନ୍ତୁ କେତେକ ସ୍ପର୍ଶକାତର ଘଟଣା ଯେଉଁଭଳି ଉପସ୍ଥାପିତ ହେବା କଥା ତାହା ଅତିରଞ୍ଜିତ ହୋଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଭରିଦେବା ସହିତ ସାମାଜିକ ଶୃଙ୍ଖଳାରେ ଏହା ପ୍ରତିବନ୍ଧକ ସୃଷ୍ଟି କରିବାରେ ଆଗୁଆ ରହୁଛି। ବ୍ୟବସ୍ଥା ଅପେକ୍ଷା ବ୍ୟକ୍ତି ଚରିତ୍ରର ହନନ ଅସାମ୍ବିଧାନିକ ହୋଇଥିଲେ ବି ସୋସିଆଲ ମିଡିଆ ବ୍ୟବହାରକାରୀଗଣ ଏହାର ଦୁରୂପଯୋଗ କରିଚାଲିଛନ୍ତି। ଯାହାକି ଆଦୌ ସମାଜ, ବ୍ୟବସ୍ଥା ଓ ଚଳଣୀ ପାଇଁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନୁହେଁ। ଗୋଟିଏ ସରଳ କଥାକୁ ଜଟିଳ କରି ଏଥିରୁ ସ୍ୱାର୍ଥ ହାସଲ କରିବା ଲକ୍ଷ୍ୟରେ କେହି କେହି ସୋସିଆଲ ମିଡିଆର ସହାୟତା ନେଉଥିଲା ବେଳେ ଆଉ କେହି ରାଜନୈତିକ ଫାଇଦା ପାଇଁ ସୋସିଆଲ ମିଡିଆର ସର୍ବାଧିକ ବ୍ୟବହାର ମଧ୍ୟ କରୁଛନ୍ତି। ନିଜ ରାଜନୈତିକ ଦଳର ପ୍ରଚାର ପ୍ରସାର ବ୍ୟାପକ କରିବା ଲକ୍ଷ୍ୟରେ କେହି କେହି ସୋସିଆଲ ମିଡିଆକୁ ଉପଯୁକ୍ତ ମଞ୍ଚ ଭାବେ ବିଚାର କରି ଏଥିରେ ନିଜର ମତ, ମନ୍ତବ୍ୟ, ଆଲୋଚନା, ସମାଲୋଚନା ଓ ନାନାଦି ପରିକଳ୍ପିତ ବିଷୟବସ୍ତୁକୁ ସଂଯୋଜିତ କରି ଏଥିରେ ପ୍ରକାଶ ପାଉଥିବା ପ୍ରତିକ୍ରିୟା ଅନୁସାରେ ନିଜର ଲକ୍ଷ୍ୟ ପଥ ନିର୍ଦ୍ଧାରଣ କରି ପାରୁଛନ୍ତି। ସମୟର ପରିବର୍ତ୍ତନ ଅନୁସାରେ ଏହା ଯଦିଓ ବିକାଶର ଏକ ମୁଖ୍ୟ ଅଙ୍ଗ ପାଲଟି ଯାଇଛି ତଥାପି ଏହାର ନକାରାତ୍ମକ ଦିଗ ପ୍ରତି ବିଚାର କଲେ ଜଣାଯାଏ ସୋସିଆଲ ମିଡିଆ ଯୁବପିଢ଼ିଙ୍କୁ ଭବିଷ୍ୟତ ଗଢ଼ିବା ପାଇଁ ପରାମର୍ଶ ଦେବା ଅପେକ୍ଷା ସେମାନଙ୍କୁ ସେମାନଙ୍କ ଲକ୍ଷ୍ୟ ପଥରୁ ଓହରାଇ ନେବାକୁ ଏକ ବଳିଷ୍ଠ ମାଧ୍ୟମ ଭାବେ ଉଭା ହୋଇଛି।

ସମ୍ବାଦ କାଣ୍ଡ

ତାରକ ମହାନ୍ତି

ଆମ ଦେଶରେ ଡିଜିଟାଲ ବ୍ୟବସ୍ଥାର ପ୍ରଚଳନକୁ ଯେଉଁଭଳି ବ୍ୟାପକ କରାଯିବା ପାଇଁ ଉଦ୍ୟମ କରାଯାଉଛି ତାହା ଦେଶ ବିକାଶରେ ସହାୟକ ହେଉଥିଲେ ସୁଦ୍ଧା ଉପଯୋଗୀକାରୀଙ୍କ ମାନସିକତା ଓ ଜନସାଧାରଣଙ୍କ ବାସ୍ତବ ସ୍ଥିତି ଓ ପରିସ୍ଥିତିକୁ ବିଚାର କରାନଯାଇ ଏହା ଉପରେ କେବଳ ଗୁରୁତ୍ୱ ଦେଇଦେଲେ କୌଣସି ସମସ୍ୟାର ସମାଧାନ ହୋଇପାରେନାହିଁ। ଆମ ଦେଶର ଲୋକ ମୁଣ୍ଡପିଛା ଯେତିକି ଆୟ କରନ୍ତି ତାହା ବିକାଶଶୀଳ ଦେଶ ମାନଙ୍କର ଲୋକମାନଙ୍କ ଠାରୁ ଢେର କମ୍। ତେଣୁ ବିକଶିତ ରାଷ୍ଟ୍ରର ଜନସାଧାରଣ ଡିଜିଟାଲ ମିଡିଆକୁ ଯେଉଁଭଳି ଗ୍ରହଣ କରିପାରିବେ ଆମ ଦେଶର ଲୋକ ସେ ପ୍ରକାର ମାନସିକତା ନ ଆସିବା ପର୍ଯ୍ୟନ୍ତ ଏହାକୁ ଉପଯୁକ୍ତ ବା ଉପଯୋଗୀ ମନେ କରିବେ ନାହିଁ। ତେଣୁ ସମ୍ବିଧାନ ଅନୁସାରେ ଜନସାଧାରଣ ଯେପର୍ଯ୍ୟନ୍ତ ନିଜର ମୌଳିକ ଅଧିକାର ପାଇପାରି ନାହାନ୍ତି ବା ଏଥିରୁ ବଞ୍ଚିତ ହେଉଛନ୍ତି କିମ୍ବା ଏ ବିଷୟରେ ସେମାନେ ଅବଗତ ନୁହନ୍ତି ସେ ସମ୍ପର୍କରେ ପ୍ରଥମେ ଚିନ୍ତା କରିବା ଉଚିତ୍। ସରକାରୀ ପ୍ରଚାର ପାଇଁ ନିଜ ମର୍ଜି ଅନୁସାରେ ସାଧାରଣ ଲୋକଙ୍କ ଉପରେ ବ୍ୟବସ୍ଥାର ବୋଝ ଲଦି ଚାଲିଲେ ଏଥିରୁ ସୁଫଳ ମିଳିବାର ଆଶା କମ। କାରଣ ଯେଉଁ ବିଷୟରେ ଆମ୍ଭେମାନେ ସଚେତନ ନୋହୁଁ ସେ ବିଷୟ ପ୍ରତି ଆମର ଆଗ୍ରହ ସୃଷ୍ଟି ନହେବା ପର୍ଯ୍ୟନ୍ତ ବାଧ୍ୟବାଧକତାରେ ଆମ୍ଭଙ୍କୁ ସେଥିରେ ସାମିଲ କରାଗଲେ ହୁଏତ ସାମୟିକ ଭାବେ ଆମ୍ଭେ ଏହାକୁ ସମର୍ଥନ ଜଣାଉଥିଲେ ବି ପରବର୍ତ୍ତୀ ସମୟରେ ଏଭଳି ମାନସିକତା ଠାରୁ ଓହରି ଆସିଥାଉ। ଫଳସ୍ୱରୂପ ଯେଉଁ ବ୍ୟବସ୍ଥା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ତାହା ଦିଗହରା ହେବା ସହିତ ଲକ୍ଷ୍ୟ ଭ୍ରଷ୍ଟ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଆଜିକାଲି ସୋସିଆଲ ମିଡିଆରେ ସରକାରଙ୍କ ବିରୋଧରେ ଯେଉଁସବୁ ତଥ୍ୟ ପ୍ରକାଶ ପାଉଛି ତାହାର ସତ୍ୟତା ପରଖିବା ଓ ବିଚାର କରିବା ପାଇଁ ଅନେକ ଗୁଡିଏ ସରକାରୀ କଳ ରହିଛି। ଯେଉଁ ମାଧ୍ୟମରେ ଗଲେ ଆମେ ଆମର ନ୍ୟାର୍ଯ୍ୟ ଦାବି ହାସଲ କରିପାରିବା ତାହା ଯଦି କେବଳ ସୋସିଆଲ ମିଡିଆରେ ପ୍ରକାଶ କରି ସରକାରଙ୍କ ଠାରୁ ସମାଧାନର ମଞ୍ଜି ପାଇପାରିବା ଭଳି ବିଚାର କରୁଛେ ତାହା ସମ୍ପୂର୍ଣ୍ଣ ଅବାସ୍ତବ। ନିଯୁକ୍ତି ହେଉ କି ଦାବି ଯେକୌଣସି ସରକାରୀ ସୁବିଧା ପାଇବା ପାଇଁ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିବାକୁ ପଡିଥାଏ। କିନ୍ତୁ ଲକ୍ଷ୍ୟହୀନ ଭାବେ ଏହାକୁ କେବଳ ସୋସିଆଲ ମିଡିଆରେ ଉପସ୍ଥାପିତ କରି ସମାଜରେ ଚାପା ଗୁଞ୍ଜରଣ ସୃଷ୍ଟି କରିବା ହେଉ କିମ୍ବା ସମାଜରେ ଅସ୍ଥିରତା ସୃଷ୍ଟି କରିବା ଭାବନାରେ ନିମଗ୍ନ ରହିବା ତାହା ସମାଜ ଓ ବ୍ୟବସ୍ଥା ପ୍ରତି ବିପଦପୂର୍ଣ୍ଣ ନିଶ୍ଚୟ। ଯେଉଁ କଥାଟିକୁ ଯେଉଁ ବାଟରେ ଉପସ୍ଥାପିତ କରି ଜନମଙ୍ଗଳ କରିହେବ ତାହା ନକରି ଆମେ କେବଳ ନିଜର ଏକ ପରିଚୟ ସୃଷ୍ଟି କରିବା ଲକ୍ଷ୍ୟରେ ସୋସିଆଲ ମିଡିଆର ଆଶ୍ରୟ ନେବା ଏହା ପ୍ରତିକୂଳ ପରିସ୍ଥିତି ତ ତିଆରି କରିବ ନିଶ୍ଚୟ କିନ୍ତୁ ଏହାର କୁଫଳ ସମସ୍ତଙ୍କୁ ଭୋଗ କରିବାକୁ ପଡିବ। ତେଣୁ ଭାବିଚିନ୍ତି କାମ କଲେ ପ୍ରମାଦ ପଡିବାରୁ ବଞ୍ଚିପାରିବା।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ସିପାହୀ ବିଦ୍ରୋହର ସୂତ୍ରଧର-ଚନ୍ଦନ ହଜୁରୀ



**ଅକ୍ଷୟ କୁମାର ରାଉତ**

କେତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ, ମାନୀ, ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିର ମୟୀ କୀର୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମ ର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ। ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ। ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତୀକ ଶୁକ୍ଳ
ଏକାଦଶୀ ମଙ୍ଗଳ ବାର ତୁଳା ୧୫ ଦିନ ହରଚଣ୍ଡୀ ବୁଢା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ।

ଜଗନ୍ନାଥଙ୍କ ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କ ନାମ ଚନ୍ଦନ। ଆନନ୍ଦ ବଜାର ରେ ସବୁଦିନ ମହାପ୍ରସାଦ ଚାଖୁଥିବାରୁ ଲୋକେ ଡାକିଲେ ଚାଖି, ତାଙ୍କ ପୂର୍ବ ପୁରୁଷଙ୍କୁ ପୁରୀ ରାଜା ହଜୁରୀ ଉପାଧି ପ୍ରଦାନ କରିଥିବାରୁ ତାଙ୍କୁ ହଜୁର୍ ବୋଲି ସମ୍ମାନ କରାଯାଉଥିଲା। ଚନ୍ଦନ ହଜୁରୀ ସଂସ୍କୃତ ନପଢି ହିନ୍ଦୀ ପଢିଲେ ଓ ହିନ୍ଦୀ ପଢିବାରେ ସମସ୍ତଙ୍କୁ ଟପିଗଲେ। ଭୀମସେନ ହଜୁରୀ ପ୍ରତି ବର୍ଷ ପଶ୍ଚିମା ଯାତ୍ରୀ ଆଣିବାକୁ ଯାଆନ୍ତି। ତାଙ୍କର ଅନେକ ଯାତ୍ରୀ ଉତର ପ୍ରଦେଶର ବିଠୁର ନାମକ ସ୍ଥାନରୁ ଆସିଥାନ୍ତି। ଭୀମସେନ ଥିଲେ ଝାନସୀ ରାଜ୍ୟ ଓ ପେଶୱାଙ୍କ ପୁରୀ ପଣ୍ଡା। ଚନ୍ଦନ ବାପାଙ୍କ ସାଙ୍ଗରେ ଅନେକ ସମୟ ବିଠୁର ଯାଉଥିଲେ। ସେଠାରେ ସେ ପେଶୱାଙ୍କ ଦେୱାନ ମୋରପନ୍ତଙ୍କ ଝିଅ ମନୁବାଈ (ଛବେଲୀ) ଓ ନାନାସାହେବଙ୍କ ସହ ଖଣ୍ଡା ଖେଳ ଓ ଘୋଡା ଚଢାରେ ଯୋଗଦେଉଥିଲେ। ଝାନ୍ସୀର ରାଜା ଗଙ୍ଗାଧର ରାଓଙ୍କର ପ୍ରଥମ ସ୍ତ୍ରୀ ର ଦେହାନ୍ତ ପରେ। ଭିମସେନ ଙ୍କ ମଧ୍ୟସ୍ଥରେ ଗଙ୍ଗାଧର ମନୁବାଈକୁ ବିବାହ କରିଥିଲେ। ବିବାହ ପରେ ମନୁବାଈଙ୍କ ନାମ ହେଲା ଲକ୍ଷ୍ମୀବାଈ। ବେପାର କରୁ କରୁ ଗୋରା ବଣିକ ମାନେ ଭାରତ ବର୍ଷର ଶାସକ ହୋଇଗଲେ। ଇଂରେଜ ଜାତିର ଅନ୍ୟାୟ ଓ ଅବିଚାର ବିରୁଦ୍ଧରେ ବାଳକ ଚନ୍ଦନ ହଜୁରୀଙ୍କ ମନରେ ବିଦ୍ରୋହର ନିଆଁ ଜାଗିଉଠିଥିଲା। ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହ ଥିଲା ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମ। ଆମ ଓଡିଆ ପୁଅ ପ୍ରଥମେ ଖଣ୍ଡା ଉଠାଇ ଭୟଭୀତ କରିଥିଲା ଗୋରା ସରକାରଙ୍କୁ। ଏଇ ମହାନ୍ ସଂଗ୍ରାମ କଥା ଚନ୍ଦନ ହଜୁରିଙ୍କ ମନରେ କରିଥିଲା ଗଭୀର ରେଖାପାତ। ଲକ୍ଷ୍ମୀବାଈଙ୍କର ସ୍ୱାମୀ ଓ ପୁଅ ଦୁହେଁ ଜଣକ ପରେ ଜଣେ ମରିଗଲେ ରାଜ୍ୟ ଅରାଜକ ହୋଇଗଲା। ଇଂରେଜ ସରକାର ଝାନ୍ସୀ ଦଖଲ କରି ରାଣୀଙ୍କୁ ୫ହଜାର ଟଙ୍କା ଭତା ଦେଲେ। ଏହି ବିପଦ ବେଳେ ରାଣୀ ଲକ୍ଷ୍ମୀବାଈ ପିଲାଦିନର ସାଙ୍ଗ ,ଭାଇ ଓ ଗୁରୁ ଚନ୍ଦନ ହଜୁରୀଙ୍କୁ ମନେ ପକାଇ ଚିଠିଟିଏ ଦେଲେ। ଚିଠି ପାଇ ଚନ୍ଦନ ନିଜ ସ୍ତ୍ରୀ ସୁନ୍ଦର ମଣୀ ଓ ଘରର ଦାୟତ୍ୱ ପାରୀନାନୀ ଙ୍କ ହାତରେ ଦେଇ ଝାନସୀ ଅଭିମୁଖେ ଯାତ୍ରା କଲେ। ପାରୀନାନୀ ସୁନ୍ଦର ମଣୀକୁ ବୁଝେଇ ଦେଲେ ଚନ୍ଦନ ହେଉଛି ଉତ୍କଳର ମଲ୍ଲ ସେ କେତେ କୁସ୍ତି କସରତରେ ଅନେକ ମଲ୍ଲଙ୍କୁ କଚାଡି ଦେଇଛି। ତେଣୁ ଚନ୍ଦନଙ୍କୁ ପଲଟଣ ପଣ୍ଡା ବା ତୀର୍ଥ ଗୁରୁଜୀ ବୋଲି ଲୋକେ ଡାକୁଥିଲେ। ଝାନ୍ସୀରେ ପହଞ୍ଚି ଚନ୍ଦନ ହଜୁରୀ ରାଣୀ ଙ୍କୁ ପରାମର୍ଶ ଦେଲେ, ନାନା ସାହେବ ଓ ତାନ୍ତିଆ ଟୋପେଙ୍କ ସିପାହୀ ମାନଙ୍କୁ ନେଇ ଇଂରେଜ ମାନଙ୍କ ସାଙ୍ଗରେ ଲଢିବେ।

ଚନ୍ଦନ ହଜୁରୀ ବିଠୁରରେ ନାନା ସାହେବ ,ମୁସଲମାନ ମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ , ତାନ୍ତିଆ ଟୋପେ ଓ ଦିଲ୍ଲୀ ସମ୍ରାଟ ବାହାଦୁର ଶାହାଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଝାନ୍ସୀ ରାଜ୍ୟର ଗାଁ ଗହଳିରେ ବୁଲିଲେ ,ଲୋକମାନଙ୍କୁ କହିଲେ ଆମେ ମିଳିମିଶି ଏ ଇଂରେଜ ସରକାରଙ୍କୁ ଆମ ଦେଶରୁ ତଡିବା। ସବୁ ଲୋକ ତାଙ୍କ କଥାରେ ମାତିଗଲେ। ଏହି ସମୟରେ ଚନ୍ଦନ ହଜୁରୀ ଏକ ଜନରବ ସୃଷ୍ଟି କରିବାର ଶୁଣାଯାଏ, ଇଂରେଜ ସରକାରଙ୍କ ଅଧିନରେ ଥିବା ସିପାହୀ ମାନଙ୍କୁ ବନ୍ଧୁକ ଫୁଟାଇଲା ବେଳେ ଯେଉଁ ଟୋଟାକୁ ଦାନ୍ତରେ କାମୁଡିବାକୁ ପଡୁଥିଲା , ତାହା ଉପରେ ଗୋରୁ ଓ ଘୁଷୁରି ର ଚର୍ବି ବୋଳା ଯାଇଛି। ସିପାହୀ ମାନେ ଧର୍ମ ଯିବା ଭୟରେ ବିଦ୍ରୋହ ଆରମ୍ଭ କରିଦେଲେ, ଏହାଥିଲା ୧୮୫୭ ମସିହା ସିପାହୀ ବିଦ୍ରୋହ।

ଝାନ୍ସୀ ଦୁର୍ଗ ଇଂରେଜ ସେନାପତି ସ୍କିନ ଅଧିକାର କରିନେଲେ। ହଠାତ ଦିନେ ଝାନ୍ସୀ ରାଜ୍ୟର ହଜାର ହଜାର ଲୋକ ହାତରେ ହାତ ହତିଆର ଧରି ଝାନ୍ସୀ ଦୁର୍ଗ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସିପାହୀ ଓ ଗୋରା ସେନାପତି ସ୍କିନଙ୍କୁ ନାକେଦମ କରି ଦେଇ ଦୁର୍ଗ ଅଧିକାର କରି ନେଲେ। କିଛି ଦିନପରେ ଝାନ୍ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈଙ୍କ ହାତ ମୁଠାକୁ ଆସିଲା। ଇଂରେଜ ସରକାର ହାର ମାନିଲେ। ଝାନ୍ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈ ଅଧିକାର କରିବାର ଗୋଟିଏ ବର୍ଷ ପୁରି ଗଲା। ଇଂରେଜ ସରକାର ସୁଯୋଗ ଖୋଜୁଥିଲ, କେମିତି ଝାନ୍ସୀ ଦୁର୍ଗ ଅଧିକାର କରିବେ। ସାର୍‌ହିଉରୋଜ ଓ କଲିନ୍ କ୍ୟାମ୍ପବେଲ ନେତୃତରେ ଇଂରେଜ ସେନାବାହିନୀ ୧୮୫୮ ସାଲରେ ଝାନ୍ସୀ ଦୁର୍ଗ ଆକ୍ରମଣ କରିଥିଲେ। ଝାନ୍ସୀ ନଗରିରେ ଯୁଦ୍ଧର ନାଗରାବାଜି ଉଠିଲା। ରାଣୀ ଲକ୍ଷ୍ମୀବାଈ ବୀର ପୋଷାକ ପିନ୍ଧି ଖଣ୍ଡା ଧରି ଯୁଦ୍ଧ ଭୂମିରେ ଠିଆହେଲେ। ଲକ୍ଷ୍ମୀବାଈ ତାଙ୍କର ୨ ଜଣ ପ୍ରଧାନ ସହଯୋଗି ରାମଚନ୍ଦ୍ର ଦେଶମୁଖ୍ ଖୋଦାବକ୍ସ ଓ ସେନାପତି ଗୋଲାମ ଚୌସ୍ , ଇଂରେଜ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସୈନ୍ୟ ପ୍ରାଣଭୟରେ ଯୁଦ୍ଧ ଭୂମିରୁ ପଳାଇ ଯିବାକୁ ବାଟ ପାଇଲେ ନାହିଁ। ସାର୍ ହିଉରୋଜ ଜଣେ ନାରୀ ର ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ। ଏତିକି ବେଳେ ଠାକୁର ଲାଲାଜି ବିଶ୍ୱାସ ଘାତକତା କରି ମୂଳ ଦୁର୍ଗ ଦୁଆର ଖୋଲିଦେଇ ଇଂରେଜ ସୈନ୍ୟ ମାନଙ୍କୁ ଦୁର୍ଗ ଭିତରକୁ ବାଟ ବତାଇଦେଲେ। ରାଣୀ ଲକ୍ଷ୍ମୀବାଇ ଓ ତାଙ୍କ ପୁଅ ଦାମୋଦର ଓ ଚନ୍ଦନ ହଜୁରୀ ଦୁର୍ଗ ଭିତରୁ ପଳାଇ ଗଲେ। ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆସୁଥିବା ତାନ୍ତିଆ ଟୋପେ ଓ ତାଙ୍କର ୨୦ହଜାର ସୈନ୍ୟ ବାଟରେ ଧରାପଡିଗଲେ। ସିନ୍ଧିଆ ଇଂରେଜକୁ ଡରି ସାହାଯ୍ୟ କଲେ ନାହିଁ। ଗୋୱାଲିଅର ପାଖାପାଖି ଏକ ନଦୀ କୁଳରେ ରାଣୀ ଲକ୍ଷ୍ମୀବାଈ ଗୋରା ବାହିନୀ ସଙ୍ଗେ ଯୁଦ୍ଧ କଲେ। ଝାନ୍ସୀ ରାଣୀ ଙ୍କ ଘୋଡା ପାଣି ଦେଖି ହଠାତ୍ ଅଟକିଗଲା। ରୋଜ୍ ସାହେବଙ୍କ ଗୁଳିରେ ରାଣୀଙ୍କ ଦେହରୁ ଝର ଝର ରକ୍ତ ନିଗିଡି ଗଲା। ଚନ୍ଦନ ହଜୁରୀଙ୍କ ହାତରୁ ମହାପ୍ରସାଦ ପଣି ପାଇ, ସେହି ନଦୀ କୁଳରେ ପ୍ରାଣହରାଇଲେ। ଜଳନ୍ତା ଜୁଇରେ ଚିର ନିଦ୍ରା ରେ ଶୋଇଲେ ଭାରତର ବାଘୁଣୀ ଲକ୍ଷ୍ମୀବାଈ। ତାନ୍ତିଆ ଫାଶୀପାଇଲେ। ନିଖୋଜ ହେଲେ ନାନା ସାହେବ। ଚନ୍ଦନ ହଜୁରୀ ସାଧୁ ଗଙ୍ଗା ଦାସ ନାମରେ ଲୁଚି ଲୁଚି ବୁଲିଲେ। ବାହାଦୁର ଶାହଙ୍କୁ ଇଂରେଜ ମାନେ ବର୍ମାର ରେଙ୍ଗୁନ୍ ରେ ବନ୍ଦି କରି ରଖିଲେ। କାଲାକା ଙ୍କର ରାଜାଙ୍କ ନିକଟରେ ଚନ୍ଦନ ହଜୁରୀ ବହୁଦିନ ରହିଗଲେ। ଇଂରେଜ ପୋଲିସ ଚନ୍ଦନକୁ ଧରିବା ଲାଗି ଛାଇଭଳି ଜଗିରହିଲେ। ଏଣେ ଚନ୍ଦନ ହଜୁରୀଙ୍କର ମୃତ୍ୟୁ ଖବର ଚାରିଆଡେ ପ୍ରଚାର ହୋଇଗଲା। ତାଙ୍କର ସ୍ତ୍ରୀ ସୁନ୍ଦର ମଣି ବିଧବା ହେଲେ। ଚନ୍ଦନ ହଜୁରୀ ଦେଢବର୍ଷ କାଳ ବଣ ଜଙ୍ଗଲ ଭିତରେ ବୁଲି ବୁଲି ୧୮୬୫ ମସିହା ରେ ନିଜର ଜନ୍ମ ଭୂମି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ପରେତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ପାରି ନାନି ଥଟ୍ଟାରେ ଢଗ ବୋଲିଲେ –

"ନଇରେ ବାଲିଆ ଚହଟିଲା
କଜଳ ସିନ୍ଦୂର ନାଆ ଲୋ ରାଣ୍ଡ
ପୁଣି ଚାଖିଆ ଲେଉଟିଲା"।

ମଣିଷ ମାରିବା ଅପରାଧରେ ପୁରୀ ରେ ଚାଖି ଖୁଣ୍ଟିଆଙ୍କ ବିଚାର ଚାଲିଲା। କିଛି ପ୍ରମାଣ ମିଳିଲା ନାହିଁ।

ତାଙ୍କୁ ନଜର ବନ୍ଦୀ କରାଗଲା। ନିୟମ କରାଗଲା ସେ ପୁରୀ ବାହାରକୁ ଯାଇପାରିବେ ନାହିଁ। ପ୍ରତିଦିନ ତାଙ୍କୁ ଥାନାରେ ହାଜିର ହେବାକୁ ପଡୁଥିଲା।

ଚାଖ ଖଣ୍ଡା ଛାଡି କଲମ ଧଇଲେ। ଜଗନ୍ନାଥଙ୍କ ଭାବ ଭକ୍ତିରେ ଜଣାଣ ଭଜନ ଲେଖି ଚାଲିଲେ – "ଧଣ୍ଡାମାଳ ବୁହା ଦୁର୍ଦ୍ଦଶା ରାହୁ

ଚଣ୍ଡାଳ ଗ୍ରାସୁଅଛି ଚାହୁଁ ଚାହୁଁ
ଭଣ୍ଡାରେ ଖଣ୍ଡା ନାହିଁ କି ମଣିମା
ଗଣ୍ଡାକର ଦିଶୁ ନାହିଁ ମହିମା ହେ"।

ଜୀବନର ସବୁ ସାହା ଭରସା ହରାଇ ତାଙ୍କ ମନ ହା ହା କାର କରୁଥିଲା। ସେ ନିରାସ ହୋଇ କଳା ଠାକୁରଙ୍କ ଆଗରେ ଜଣାଣ କରୁଥିଲେ – "ଡେଣା ଭଙ୍ଗା ପକ୍ଷୀ ପରାୟେ ହୋଇ
ଡାକ ବିନୁ ଗତି ଅନ୍ୟଥା ନୋହି"।

୧୮୮୮ ମସିହା ଅକ୍ଟୋବର ୧୮ ତାରିଖ ଦିନ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ସୂତ୍ରଧର ଆମକୁ ଛାଡି ଅମର ପୁରକୁ ଚାଲିଗଲେ। ଆଜିର ଓଡିଆ ପୁଅ ଏଇ ବୀରଙ୍କୁ ମନେପକାଇ ନିର୍ଭୀକ ହେଉ।


*ପାରାଦ୍ୱୀପ ଗଡ, କୁଜଙ୍ଗ,*
*ଜଗତ୍‌ସିଂହପୁର*
*ଭ୍ରାମ୍ୟଭାଷ : ୯୯୩୭୬୯୧୪୭୫*


# ଜଣେ ଅନନ୍ୟା ଓ ଅନ୍ୟ ଜଣେ ଅନନ୍ୟ



**ଡାକ୍ତର ନୀଳମାଧବ ପୃଷ୍ଟି**

ଚଳିତ ସପ୍ତାହର ଗୋଟିଏ ଦିନର ପ୍ରମୁଖ ଖବର ଅନେକ ପାଠକଙ୍କ ସମ୍ୟକ ଦୃଷ୍ଟି ପରେ ହୁଏତ ହଜିଯାଇଥିବ କିନ୍ତୁ ସେହିଦିନଟି ସମଗ୍ର ଓଡ଼ିଶା ବାସୀଙ୍କ ପାଇଁ ଥିଲା ଆନନ୍ଦ, ଗର୍ବ, ଗୌରବର ଦିନ। ସର୍ବଭାରତୀୟ ସିଭିଲି ସର୍ଭିସେସ୍ ଚୂଡ଼ାନ୍ତ ୨୦୧୮ ବ୍ୟାଚ ଆଇଏଏସ୍ ପରୀକ୍ଷାରେ ୬୦ତମ ସ୍ଥାନ ହାସଲ କରି ଓଡ଼ିଶା ଆଇଏଏସ୍ ଟପ୍ପର କୁହାଯାଉଥିବା ଓଡ଼ିଆ ଝିଅ ଅନ୍ୟା ଦାସଙ୍କୁ ଓଡ଼ିଶା କ୍ୟାଡ଼ର ମିଳିଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ଏକ ଅଖ୍ୟାତ ଓ ଉପାନ୍ତ ବେତନଟୀ ଅନ୍ତର୍ଗତ ଖଡ଼ିଶୋଳ ଆଦିବାସୀ ପଞ୍ଚାୟତର କଞ୍ଚିଶୋଳ ଗାଁର ପୁଅ ତଥା ଗୁଜୁରାଟ କ୍ୟାଡ଼ରର ବରିଷ୍ଠ ଓଡ଼ିଆ ଆଇଏଏସ୍ ତଥା ଭାରତ ସରକାରଙ୍କ ଅର୍ଥମନ୍ତ୍ରଣାଳୟର ସଚିବ ଗିରିଶ ଚନ୍ଦ୍ର ମୁର୍ମୁ ସମଗ୍ର ବିଶ୍ୱର ତୀକ୍ଷ୍ଣ ନଜର ଓ ଆଲୋଚନାର ପ୍ରସଙ୍ଗ ପାଲଟିଥିବା ନବଗଠିତ ଜାମ୍ମୁ-କାଶ୍ମୀରର ପ୍ରଥମ ଉପରାଜ୍ୟପାଳ ଭାବେ ରାଷ୍ଟ୍ରପତିଙ୍କ ନିଯୁକ୍ତି ପାଇବା। କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏକ ଶକ୍ତିଶାଳୀ ସରକାର କିପରି ପ୍ରତିଭାବାନଙ୍କୁ ଖୋଜି ସେମାନଙ୍କ ପ୍ରତିଭାର ମୂଲ୍ୟାୟନ କରିପାରନ୍ତି ତାହାର ଏକ ବଡ଼ ଉଦାହରଣ ଦେଲେ। ନରେନ୍ଦ୍ର ମୋଦି ଗୁଜୁରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ଗିରିଶ ଚନ୍ଦ୍ର ମୁର୍ମୁ ତାଙ୍କ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କିଛିଦିନ ତଳେ ଓଡ଼ିଶାର ବରିଷ୍ଠ ବିଜେପି ନେତା ବିଶ୍ୱଭୂଷଣ ହରିଚନ୍ଦନ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ହୋଇଛନ୍ତି। ଗିରିଶ ଚନ୍ଦ୍ର ମୁର୍ମୁଙ୍କ ପୂର୍ବରୁ ଆଦିବାସୀ ଅଧ୍ୟୁସିତ ମୟୂରଭଞ୍ଜ ଜିଲ୍ଲାରୁ ଭାରତର ପ୍ରଥମ ଆଦିବାସୀ ମହିଳା ରାଜ୍ୟପାଳ ଭାବେ ଦ୍ରୌପଦୀ ମୁର୍ମୁଙ୍କୁ କେନ୍ଦ୍ର ସରକାର ନିଯୁକ୍ତି ଦେଇଥିଲେ। ସବୁଠାରୁ ବଡ଼ ଆନନ୍ଦର ପ୍ରସଙ୍ଗ ହେଉଛି ମୟୂରଭଞ୍ଜ ଜିଲ୍ଲାର ବାସିନ୍ଦା ହେଉଛନ୍ତି ଦ୍ରୌପଦୀ ମୁର୍ମୁ ଓ ଗିରିଶ ଚନ୍ଦ୍ର ମୁର୍ମୁ। ଗିରିଶ ଚନ୍ଦ୍ର ମୁର୍ମୁ ନିଜ ଗାଁ କୁଞ୍ଚିଶୋଳ ପାଖ ଏକ ଛୋଟିଆ ପ୍ରାଇମେରୀ ସ୍କୁଲରୁ ପାଠପଢ଼ା ସାରି ବାରିପଦାର ଶରତଚନ୍ଦ୍ର ବିଦ୍ୟାପୀଠ ପରେ ଏମ୍‌ପିସି ଉଚ୍ଚବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ମେଧାବୀ ବିଦ୍ୟାର୍ଥୀ ଭାବେ ତାଙ୍କ ସ୍ୱତନ୍ତ୍ର ଛାପ ରଖିଦେଇଛନ୍ତି। ୧୯୫୯, ୨୧ ନଭେମ୍ବରରେ ଗିରିଶ ବାବୁ ସ୍ୱର୍ଗତଃ ଭାଗବତ ମୁର୍ମୁ ଓ ପାର୍ବତୀ ମୁର୍ମୁଙ୍କ ଘରର ବଡ଼ ସନ୍ତାନ ଭାବେ କୋଳମଣ୍ଡନ କରିଥିଲେ। ତାଙ୍କ ବାପା ଜଣେ ଅବସରପ୍ରାପ୍ତ ରେଳବାଇ ଷ୍ଟେସନ ମାଷ୍ଟର ଥିଲେ ଓ ଅଲଚିକି ଭାଷାର ଜଣେ ସାରସ୍ୱତ ସାଧକ ଭାବେ ମଧ୍ୟ ପରିଚିତ ଥିଲେ। କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀରରୁ ୩୭୦ ଧାରା ଉଠାଇ ଦେବା ପରେ ଏହି ନବ ଗଠିତ ନୂତନ ଅଞ୍ଚଳର ପ୍ରଶାସନିକ ଓ ଜନସାଧାରଣଙ୍କ ଯାବତୀୟ ଅଗ୍ରଗତି ପାଇଁ ଜଣେ ସୁଦକ୍ଷ ପ୍ରଶାସକଙ୍କ ଆବଶ୍ୟକତାକୁ ଉପଲବ୍ଧି କଲାପରେ ନିଜ କାର୍ଯ୍ୟ ଦକ୍ଷତାରେ ସୁନାମ ଅର୍ଜନ କରିଥିବା ବରିଷ୍ଠ ଆଇଏଏସ୍ ଗିରିଶ ଚନ୍ଦ୍ର ମୁର୍ମୁଙ୍କୁ ହିଁ ଯୋଗ୍ୟତମ ପ୍ରତିଭା ଭାବେ ମନୋନୀତ କରିଥିଲେ। ଏହା ସମଗ୍ର ଓଡ଼ିଶାବାସୀଙ୍କ ଗର୍ବ ଓ ଆନନ୍ଦର ପ୍ରସଙ୍ଗ। କିଛି ଦିନ ତଳେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ଜଣେ ଓଡ଼ିଆ ପୁଅ ପି.କେ.ମିଶ୍ର ମୋଦି ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇବା ପରେ ସମଗ୍ର ଓଡ଼ିଶାରେ ଆନନ୍ଦ ଖେଳିଯାଇଥିଲା। ଏହି ଅନନ୍ୟ ପ୍ରତିଭାଙ୍କୁ ନେଇ ପ୍ରତିଟି ଓଡ଼ିଆ ଗର୍ବିତ ହେବା ସ୍ୱଭାବିକ।

ସେହିପରି ଅନ୍ୟା ଦାସ ୨୦୧୮ ଆଇଏଏସ୍ ବ୍ୟାଚର ୬୦ତମ ଶ୍ରେଷ୍ଠସ୍ଥାନ ଅଧିକାର କରି ଓଡ଼ିଶା କ୍ୟାଡ଼ର ପାଇପାରିଛନ୍ତି। ଜଗତ୍‌ସିଂହପୁର ତୋଟାପଡ଼ା ଗ୍ରାମର ମୂଳବାସିନ୍ଦା ତଥା ଜାମସେଦପୁର ଅଞ୍ଚଳରେ ଜଣେ ପ୍ରତିଷ୍ଠିତ ଓଡ଼ିଆ, ସମାଜସେବୀ, କବି ଓ ସ୍ତମ୍ଭକାର ବାଦଲ ଭୂୟାଁ ଓ ସୀମା ଦାସଙ୍କ ଏକମାତ୍ର ଝିଅ। ପିଲାବେଳୁ ମେଧାବୀ ଏହି ଓଡ଼ିଆ ଝିଅଟି ଅନେକ ପ୍ରତିକୂଳତାକୁ ସାମ୍ନା କରି ନିଜ ସାଧନାକୁ ଆଗେଇ ନେଇପାରିଥିଲେ। ଜାମସେଦପୁର ରାଜେନ୍ଦ୍ର ବିଦ୍ୟାଳୟରେ ଯୁକ୍ତଦୁଇ ବିଜ୍ଞାନରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବାପରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଇଂଲିଶ ଅନର୍ସରେ ପ୍ରଥମ ସ୍ଥାନ ରଖିଥିଲେ। ଗତ ୨୦୧୭ ଆଇସିଏସ୍ ପରୀକ୍ଷାରେ ୫୫୯ ର୍ୟାଙ୍କ ରଖି ଆଲାଏଡ଼ କ୍ୟାଡ଼ରରେ ଇଣ୍ଡିଆନ ରେଲୱେ ପର୍ସନାଲ ସର୍ଭିସେସ୍‌ରେ ଯୋଗଦେଇ ମଧ୍ୟ ନିଜ ଦକ୍ଷତାକୁ ଆଗକୁ ବଢ଼ାଇବା ପାଇଁ ଓ ନିଜ ମେଧା ଓ ଶିକ୍ଷା ସାମର୍ଥ୍ୟ ଉପରେ ବିଶ୍ୱାସ ରଖି ପୁନର୍ବାର ୨୦୧୮ରେ ଆଇଏଏସ୍ ପରୀକ୍ଷା ଦେଇଥିଲେ। ସମୁଦାୟ ୭୫୯ଜଣ ସଫଳ ପରୀକ୍ଷାର୍ଥୀଙ୍କ ଭିତରୁ ସେ ୬୦ତମ ସ୍ଥାନ ହାସଲ କରି ଓଡ଼ିଶାର ଗୌରବ ବଢ଼ାଇଛନ୍ତି। ତାଙ୍କ ବାପା ଜଣେ ଜାମସେଦପୁରର ଏକ କମ୍ପାନୀରେ କନିଷ୍ଠ ପଦାଧିକାରୀ ଭାବେ ନିଜ ବୃତ୍ତିଗତ ଜୀବନରେ ବ୍ୟସ୍ତ ରହୁଥିବାବେଳେ ଅନ୍ୟା ଦାସଙ୍କ ମାଆ ସୀମା ଦାସ ଜଣେ ଗୃହିଣୀ ହୋଇ ମଧ୍ୟ ନିଜ ପିଲାଟିର ପ୍ରତିଭାକୁ ଯଥେଷ୍ଟ ପୂର୍ବରୁ ବିଚାର କରି ଦୃଢ଼ ଭାବେ ପ୍ରେରଣା ଯୋଗାଇଥିଲେ। ଆଜିର ଯୁବପିଢ଼ୀ ବିଶେଷକରି ଝିଅ ମାନଙ୍କ କ୍ଷେତ୍ରରେ ଅନେକ ବାଧାବିଘ୍ନ, ପ୍ରତିକୂଳତା ଓ ବାହ୍ୟ ପାଶ୍ଚାତ୍ୟ ଚାକଚକ୍ୟର କେତେକ କ୍ଷେତ୍ରରେ ପ୍ରଲୋଭନ ରହୁଥିବାବେଳେ ଅନ୍ୟା ଦାସ ନିଜକୁ ଦୃଢ଼ ପ୍ରତିଜ୍ଞାବଦ୍ଧ ଓ ସଂକଳ୍ପିତ ଦୃଢ଼ ବିଶ୍ୱାସ ରଖି ନୂଆଦିଲ୍ଲୀରେ ଆଇଏଏସ୍ ପାଇଁ ପ୍ରସ୍ତୁତ ହେଉଥିଲେ। ଅନେକ ହୁଏତ ଜାଣିନଥିବେ ଦୁଇ ଦୁଇଥର ଆଇଏଏସ୍ ପରୀକ୍ଷା ଦେଇ ମଧ୍ୟ କୌଣସି କୋଚିଂ ସେଣ୍ଟରର ସେ ସହାୟତା ନେଇ ନଥିଲେ। ଦିନରାତିକୁ ଏକ କରି ପୁସ୍ତକ ଓ ଆବଶ୍ୟକସ୍ଥଳେ ବିଭିନ୍ନ ଲାଇବ୍ରେରୀର ପତ୍ରପତ୍ରିକା ଓ ସୂଚନା ପ୍ରଯୁକ୍ତିର ଗୁଗୁଲର ସାହାଯ୍ୟ ନେଇ ସେ ତାଙ୍କ ମେଧାପଣତାକୁ ଆଗେଇ ନେବାକୁ ସମର୍ଥ ହୋଇଥିଲେ। ବାପାଙ୍କ ବୃତ୍ତିଗତ କ୍ଷେତ୍ରର କର୍ମଚାପ ଆଉ ମାଆଙ୍କ ଘରୋଇ କାର୍ଯ୍ୟକ୍ରମର ବ୍ୟସ୍ତତା ସତ୍ତ୍ୱେ ସେ ତାଙ୍କ ଅସୀମ ଧୈର୍ଯ୍ୟ ଓ ଅଧ୍ୟବସାୟକୁ ଲକ୍ଷ୍ୟରେ ରଖି ନିଜକୁ ଆଗେଇ ନେଇପାରିଥିଲେ। ପିଲାବେଳୁ ଅନ୍ୟାଙ୍କ ମେଧା ଓ ସରଳ ନିରାଡ଼ମ୍ବର ଜୀବନର ଅନେକ ଝଲକ୍ ଓ ଉଦାହରଣ ତୁଳସୀ ଦୁଇପତ୍ରରୁ ବାସିବା ପରି ତାଙ୍କ ଆତ୍ମୀୟ ସ୍ୱଜନ ଓ ପ୍ରବାସର ଓଡ଼ିଆ ଭାଇଭଉଣୀମାନେ ଜାଣିପାରିଥିଲେ। ସଂଯୋଗବଶତଃ ଝାଡ଼ଖଣ୍ଡର ଜାମସେଦପୁରରେ ନିଜ ପିଲାବେଳ ଓ ପାଠ୍ୟ ମୂଳଦୁଆ ଆରମ୍ଭ କରିଥିବା ବେଳେ ସେହି ରାଜ୍ୟର ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓଡ଼ିଆ ମହାମହିମ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ। ଝାଡ଼ଖଣ୍ଡରେ ଓଡ଼ିଆ ସରକାରୀ ଭାବେ ଦ୍ୱିତୀୟ ମାତୃଭାଷା ଭାବେ ପରିଚିତ। ଜାମସେଦପୁର ବିଚ୍ଛିନ୍ନାଞ୍ଚଳର ଏପରିକି ଷଡ଼େଇକଳା-ଖରସୁଆଁ ଅଞ୍ଚଳର ଓଡ଼ିଆବାସୀଙ୍କ ଅନୁଷ୍ଠାନ ଗୁଲମୋରୀ ଉତ୍କଳ ସମାଜ, ଉତ୍କଳ ଆସୋଏସିଏସନ ଓ ଉତ୍କଳ ସମ୍ମିଳନୀ ପରି ଅନୁଷ୍ଠାନର ଓଡ଼ିଆ କର୍ମକର୍ତ୍ତାଙ୍କ ଭିତରେ ତଥା ଝାଡ଼ଖଣ୍ଡର ଓଡ଼ିଆ ମାନଙ୍କ ଭିତରେ ସେ ଶିକ୍ଷା ସାମର୍ଥ୍ୟ ଓ ପ୍ରତିଭାର ଆଲୋକବର୍ତ୍ତିକା ସାଜିଛନ୍ତି ଯାହାକୁ ନେଇ ସେମାନେ ଅତ୍ୟନ୍ତ ଆନନ୍ଦ ଉଲ୍ଲସିତ।


*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*


**ଦମ :-**

ବ୍ରହ୍ମଲୀନ ଶ୍ରୀ ସ୍ୱାମୀ ଭୂମାନନ୍ଦଜୀ ମହାରାଜ ବୋଲି ଜଣେ ସନ୍ୟାସୀ ଥିଲେ। ସେ ଖୁବ୍ ମଜାଦାର କାହାଣୀ କେବେ କେବେ ଲୋକଙ୍କୁ ଶୁଣାଇଥିଲେ। ଥରେ ସେ ଏକ କାହାଣୀ କହୁଥିଲେ ତାହା ଏପରି ଥିଲା ଯେ – ଜଣେ ସେଠ ଥିଲେ। ତାଙ୍କର ଦୁଇଟି ପତ୍ନୀ ଥିଲେ। ଜଣେ ଉପର ମହଲାରେ ଆଉ ଜଣେ ତଳେ। ଉପରେ ରହୁଥିବା ପତ୍ନୀର ଇଚ୍ଛା ସେଠ୍ ମୋ ଘରେ ଖାଇବେ, ତଳେ ରହୁଥିବା ପତ୍ନୀର ଇଚ୍ଛା ମୋ ଘରେ ଖାଇବେ। ଶେଷରେ ସେଠ୍‌ଙ୍କୁ ଉପାସ ରହିବାକୁ ପଡୁଥିଲା। ଜଣେ ପଗଡି ପିନ୍ଧାଇବାକୁ ଚାହିଁଲା ବେଳକୁ ଆର ଜଣକ ଟୋପି, ବିଚାରା ଖାଲି ମୁଣ୍ଡରେ ଯିବାକୁ ପଡୁଥିଲା। ଦିନେ ଖୁବ୍ ଜୋରରେ ଝଗଡା ଲାଗି ଉପରେ ରହୁଥିବା ପତ୍ନୀ ହାତ ଓ ତଳେ ରହୁଥିବା ପତ୍ନୀ ଗୋଡ ଭିଡିବାକୁ ଲାଗିଲେ। ସେଠ୍ ଖୁବ୍ ଚିତ୍କାର କରୁଥାନ୍ତି। ତାଙ୍କର ଚିତ୍କାର ଶୁଣି ପଡୋଶୀମାନେ ଆସି ଉଦ୍ଧାର କଲେ। ହେଲେ ତମାସା କ'ଣ ନଜାରି ଆସୁଥିବା ଯାଉଥିବା ଲୋକ ସେଠାରେ ଜମା ହୋଇଗଲେ ଏବଂ ସେଠାରେ ବହୁ ଆଗରୁ ଠିଆ ହୋଇ ତମାସା ଦେଖୁଥିବା ଗୋଟିଏ ପିଲାକୁ ଚୋର ଭାବି ପୋଲିସ ପାଖରେ ପହଞ୍ଚାଇ ଦେଲେ। ପୋଲିସ ମଧ୍ୟ ତାକୁ ନେଇ କଚେରୀରେ ଠିଆ କରାଇ ଦେଲେ। ନ୍ୟାୟାଧିଶଙ୍କ ବିନତି କରି ପିଲାଟି କହୁଥାଏ, ମୁଁ ଚୋର ନୁହେଁ, ମୋତେ ଛାଡି ଦିଅନ୍ତୁ। ମୁଁ ସତ କହୁଛି ମୁଁ କେବଳ ସେଠାରେ ଝଗଡା ଦେଖିବାକୁ ଠିଆ ହୋଇଥିଲି ତଥାପି ସବୁ ଶୁଣି ଯଦି ମୋତେ ଦଣ୍ଡ ଦେବାକୁ ଚାହୁଁଛନ୍ତି ଦିଅନ୍ତୁ କିନ୍ତୁ ଦୁଇଟି ପତ୍ନୀର ସ୍ୱାମୀ ହେବାର ଦଣ୍ଡ ନ ଦିଅନ୍ତୁ। ତେବେ ଆମ ମାନଙ୍କର ପାଞ୍ଚୋଟି କର୍ମେନ୍ଦ୍ରୀୟ+ପାଞ୍ଚଟି ଜ୍ଞାନେନ୍ଦ୍ରୀୟ= ଦଶଟି ସ୍ତ୍ରୀ ତ ଦୁଇଟି ପତ୍ନୀରେ ଏଭଳି ଅବସ୍ଥା। ଦଶଟି ପତ୍ନୀରେ କେଉଁ ଅବସ୍ଥା ନିଜେ ଢଙ୍ଗରେ ଟିକେ ବିଚାର କରନ୍ତୁ ତ ?



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**



ଅନୁବାଦ- ଉପାଳୀ ଦାଶ

ଦୈବୀ ସମ୍ପଦାର ଆଗର ବିଷୟ ହେଉଛି ଦମ। ଅର୍ଥାତ୍ ଇନ୍ଦ୍ରିୟ ନିଗ୍ରହ। ଭଗବାନ ଭାଷ୍ୟକାର ବିବେକ ଚୂଡ଼ାମଣିରେ କହିଛନ୍ତି କି ହରିଣ, ହାତୀ, ଦୀପ ଶିଖାକୁ ଆକର୍ଷିତ ହୋଇ ଆସୁଥିବା ପତଙ୍ଗ, ମାଛ, ଭଅଁର କେବଳ ଗୋଟିଏ ଇନ୍ଦ୍ରିୟର ତୀବ୍ରତା ଲାଗି ନିଜର ସ୍ୱଭାଗ କାରଣରୁ ମୃତ୍ୟୁକୁ ପ୍ରାପ୍ତ ହୋଇଥାନ୍ତି। ମନୁଷ୍ୟର ସମସ୍ତ ଇନ୍ଦ୍ରିୟ ବଳବାନ ଅଟେ, ତା'ର ଅବସ୍ଥା କ'ଣ ନ ହେବ ? ଇନ୍ଦ୍ରିୟ ସଂଯମର ନାମ ଦମ ଅଟେ। କର୍ମେନ୍ଦ୍ରିୟ ଓ ଜ୍ଞାନନ୍ଦ୍ରିୟକୁ ବିଷୟରୁ ହଟାଇ ନିଜ ସ୍ଥାନରେ ସ୍ଥିତି ରଖିବାକୁ ଦମ ମଧ୍ୟ କହିବା। ଶମ, ଦମ, ତିତିକ୍ଷା ଉପରତି, ଶ୍ରଦ୍ଧା, ସମାଧାନ ଏହି ଛଅଟି ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେଉଥିବା ମଣିଷ ପାଇଁ ନିତ୍ୟାନ୍ତ ଆବଶ୍ୟକ। ଜୀବନରେ ଦମର ହାସଲ କରିବାକୁ ଅଭ୍ୟାସ ବୈରାଗ ଦରକାର। ଗୁରୁ ଶିବାନନ୍ଦଜୀ ମହାରାଜ କହିଛନ୍ତି ଯଦି ତୁମେ ବିଚାର କରିବ ଅଭ୍ୟାସ କରି ସାରିବା ପରେ ବୈରାଗ କଥା ଚିନ୍ତା କରିବ ତେବେ ତିନି ଜନ୍ମ ବିତିଗଲେ ବି ସଫଳତା ମିଳିପାରିବ ନାହିଁ। ଅଭ୍ୟାସ ସାଥିରେ ବୈରାଗ୍ୟର ବିଚାର ଜରୁରୀ।

ଗୋଟିଏ ମଞ୍ଜିକୁ ଖତ, ପାଣି, ପ୍ରକାଶ ଏବଂ ଯୋଗ୍ୟ ମାଟି ମିଳିଗଲେ ସୁନ୍ଦର ଭାବେ ଅଙ୍କୁରିତ ହୋଇ ଥାଏ। କୌଣସି ଜିନିଷ ନ ମିଳି ଖାଲି ଶୁଖିଲା ମାଟିରେ ମଞ୍ଜିଟି ଅଙ୍କୁରିତ ହୋଇ ପାରିବ ନାହିଁ। ସେହିଭଳି ଇନ୍ଦ୍ରିୟକୁ ଏହାର ପୋଷଣ ଗୁଡିକ ପ୍ରାପ୍ତ ହେଉଥିଲେ ଏହା ମଧ୍ୟ କୁହାଯାଏ ଯେ, ଶରୀର ରଥ, ଇନ୍ଦ୍ରିୟମାନେ ଘୋଡା, ମନ ଲଗାମ, ବୁଦ୍ଧି ସାରଥୀ ତେଣୁ ଇନ୍ଦ୍ରିୟ ରୂପକ ଘୋଡାମାନେ ବିଷୟ ବାସନା ପଛରେ ନ ଧାଇଁବା ପାଇଁ ପ୍ରୟାସ କରିବା ଉଚିତ। ଦମର ଅଭ୍ୟାସ କରିବାକୁ ରୁଚି ରହିବା ଦରକାର।

(କ୍ରମଶଃ)

# ଆଖିର ଲୁହ

ଗଜାନନ ମିଶ୍ର



ଲୁହ ଆସେ ଆଖିରେ ଲୁହ ଏକଲା ହୋଇ ବସି ପଡିଲେ କୋଉଠି ଘଡିଏ ତପ। ଆଖି ମୁହଁ ଲାଲେଲାଲ ଦିଶିଯାଏ। କ'ଣ ହେଲା ପଚାରିଲେ ନା କିଛି ହୋଇ ନି କହେ ସିନା ମନର ବେଦନା ହୃଦୟର ବେଦନା କହି ପାରେ ନା। କେମିତି ବା କହିବ ଅଜାଗା ଘା। କହିଲେ ବି ଅଙ୍କେ ନିଭେଇ ନ ଥିଲା ଲୋକ କ'ଣ ବୁଝି ପାରିବ! ମାମୁ ପୁଅ ଭାଇ ସୁରେଶ କହିଲା ପରି ବରଂ କହିବ ଯାହା ହେଲେ ବି ଭାଇଟେ ମରିଗଲା ଯେତେବେଳେ ଟିକିଏ ତ ଯିବା କଥା। ବଡ ଭୁଲ କଲା ନାନୀ! ସୁରେଶ କ'ଣ ଜାଣେ ଘଟିଛି କ'ଣ ସବୁ! ଝିଅ ବାହା ହୋଇ ଗଲା ପରେ, ପୁଅବୋହୂ ନାତିନାତୁଣୀ ଦେଖିସାରିଲା ପରେ ଯଦି ଜନ୍ମ କଲା ବାପ କହିବ ନିଜ ଉଦଣ୍ଡି ବୋହୂର ବୋଲରେ ବଂଶ ବୁଡିଯାଉ କୋଉ ଝିଅ ଯିବ ଆଉ କହିଲେ! ଏତେ ଭଲ ପାଉଥିବା ପିଠିର ଭାଇ କହି ପାରିଲା ଯାଚ୍ଛାତା, ସୋସିଆଲ ମିଡିଆରେ ଲେଖିଦେଲା 'ସେ, ତା ପୁଅ, ତା ବୋହୂ ମତେ ଖାଇବାକୁ ଡାକିଲେ, ଭୁବନେଶ୍ୱର ଏମ୍ସରୁ ମୁଁ ଓ ମୋ ସ୍ତ୍ରୀ ଗଲୁ, ମତେ ଅପମାନ ଲାଗିଲା, ତଥାପି ଗଲି, ରଖିଲେ ନି, ଚାଲି ଆସିଲି। ତେଣୁ ମୋ ମଲାପରେ କେହି ଡାକିବ ନି ମୋ କାମ ଘରକୁ! କ'ଣ କେମିତି ସେ ଅପମାନିତ ହେଲା କେହି ତ ପଚାରିଲେ ନି! ଅନ୍ୟ ଦୁଇଟି ବଡ ଭାଇ ବା ଗୋଟିଏ ସାନ ଭାଇ ବି ପଚାରିଲେ ନି 'ସେ ମୋନେ କିଏ? କିଆଁ ଏମିତି ଲେଖୁଛୁ ସୋସିଆଲ ମିଡିଆରେ? କାହିଁ ତୁ ତ ଏମ୍ସକୁ ଗଲୁ ତପନାନୀକୁ ଜଣେଇଲୁ ନି, ଜାଣିଥିଲୁ ଯଦିଓ ଅଛି ତପ ପୁଅବୋହୂ ଘରେ ଭୁବନେଶ୍ୱରରେ। ତଥାପି ବାହାର ଲୋକଙ୍କ ଠୁ ଶୁଣି ପୁଅ ବୋହୂ ସ୍ୱାମୀ ନାତୁଣୀ ସମସ୍ତଙ୍କୁ ଧରି ଦେଖିବାକୁ ଗଲେ, ଏମ୍ସରୁ ଡିସଚାର୍ଜ ହେଲେ ଘରକୁ ଯିବ କହିଲେ। ଆଉ କ'ର କରନ୍ତେ! ୪/୫ ଦିନ ପରେ ତଥାପି ପଚାରିଲେ, ଭାଉଜ, କେବେ ହସ୍ପିଟାଲରୁ ବାହାରିବ? କେଜାଣି ବୋଲି ରୁକ୍ଷ କଣ୍ଠରେ ଶବ୍ଦ ବି ଶୁଣିଲେ। ବଡ ଭାଉଜ କିନ୍ତୁ ଫୋନରେ କହିଲେ ଯେ, ଗତକାଲିଠୁ ହସ୍ପିଟାଲ ଛାଡି ଆଶିଷ ଘରେ ଅଛନ୍ତି। ତପ ଭାବିଲେ ଆରେ ଆଶିଷ ଘରେ ତ କେହି ନାହାନ୍ତି କିପରି ଯତ୍ନ ନେଉଥିବେ ଦାଦାର! ବୋହୂକୁ କହିଲେ ସବୁ। ପୁଅ ବୋହୂଘରେ ତାଙ୍କୁ ନ ପଚାରି କେମିତି କ'ଣ କରିହେବ? ବୋହୂ ନିଜେ କହିଲା ଚାଲ ଦେଖିଯିବା! ଗଲେ ବି ବୋହୂକୁ ସାଙ୍ଗରେ ନେଇ। ପହଞ୍ଚିଲା ପରେ ଭାଉଜର କେତେ କ'ର ଝିଙ୍ଗାସ ବଚନ ଶୁଣିଲେ ବି। ଅନ୍ୟ ଭାଇମାନଙ୍କୁ କହିଲେ ସବୁ। ଆଉ ପୁଅକୁ ବି କହିଲେ ଓଲା କି ଓବେର ଗାଡିଟେ କରି ମାମୁମାଇଁଙ୍କୁ ନେବାକୁ। ଶିରୋଧାର୍ଯ୍ୟ କରି ମା'ଙ୍କ କଥାକୁ କାରଟିଏ ଭଡା କରି ଭାଇଭାଉଜଙ୍କୁ ନେଲେ ଘରକୁ। କେତେ ହାକିମାତି ସେଠି! ଶୁଣିଲେ ଜାଣିଲେ। ଭାଇଭାଉଜ କଥା କହିଲେ ଲୋକହସା! ସେବାଯତ୍ନରେ ଲାଗିଗଲେ। ସାନପୁଅ ଘରକୁ ଯିବାର ଥାଏ। ଆଜିକାଲି ତ ଢ଼େର ଦିନ ପୂର୍ବରୁ ଟିକଟ ନ କାଟିଲେ ସଂରକ୍ଷିତ ବର୍ଥଟିଏ ପାଇବା ବଡ କଷ୍ଟ। ତେଣୁ କହିଲେ, ଭାଉଜ ତମେ ଯଦି ରହିବ ମୁଁ ଯିବିନି। ଟିକଟ କେନସେଲ କରିଦେବି। ଭାଉଜ ଓ ଭାଇ ବି କହିଲେ, ନାଇଁ ନାଇଁ କେନସେଲ କାଁ କରିବ, ଆମେ ତ ଆସନ୍ତା କାଲି ଚେକଅପ କରିବୁ। ପୋଜିଟିଭ ବାହାରିଲେ ହସ୍ପିଟାଲରେ ରହିବାକୁ ହେବ, ନେଗେଟିଭ ବାହାରିଲେ ଘରକୁ ଟିଟିଲାଗଡ ପଳେଇବୁ! ତୁମର ରହିବା ଅନାବଶ୍ୟକ, ତୁମେ ଯାଅ। ଗଲେ ସିନା ଟ୍ରେନରେ, ମନଟା ଥାଏ କେନସର ସହ ଯୁଝୁଥିବା ଭାଇଠି, ବୁଝି ପାରିବ କିଏ? ବାଟସାରା ପଚାରୁଥାନ୍ତି, ଦାଦା କିପରି ଅଛି? ଭଲକରି ସଫା କରୁଥିବ, ଥରେ ଇନଫେକସନ ହୋଇଥିଲା, ଆଉ ଯେମିତି ନହୁଏ! ରାତି ପ୍ରାୟ ନଅଟା ବେଳେ ପୁଅ ଫୋନ କଲା, ମାଇଁ ମାମୁ ପୁଣି ପଳେଇଲେ। ତୁମେ କ'ଣ କହିଲ ମା? ଗଲାବେଳେ ମାମୁ କହିଲେ ତୁମ ମା' ଫୋନ୍ କରୁଛି ବାରମ୍ବାର ତେଣୁ ପଳାଉଛୁ। ତପର ମୁଣ୍ଡ କ'ର ହୋଇଗଲା, ଆରେ ମୁଁ ତ ସେମିତି କିଛି କହିନି, ବରଂ କହିଲି, ଘରଦ୍ୱାର ପାଇଲ ଭାଉଜ, ଦାଦାର ଯତ୍ନ ନେଉଥିବ। ବୋହୂ ସହିତ ମିଶି କାମଧାମ କରି ରହିଥିବ! ଯା ହେଉ, ପୁଅ ପୁଣି ଫୋନ୍ କଲା, ମା' ତୁମର ସବୁ କଥୋପକଥନ ମାମୁ ରେକର୍ଡ କରିଛନ୍ତି, ହେଇ ହ୍ୱାଟସପରେ ଛାଡିଛନ୍ତି, ଶୁଣ। ଭାଇ ଭାଉଜ ଭଉଣୀର କଥାବାର୍ତ୍ତା ରେକର୍ଡ କିଲ କିଏ ଛାଡେ? ଉଦ୍ଦେଶ୍ୟ ମନ୍ଦ ନଥିଲେ! ରେକର୍ଡରେ ବି ସେମିତି ନାଇଁ କିଛି। ଯାପରେ ନବେ ବର୍ଷର ବୃଦ୍ଧ ବାପା ଗାଁରୁ ଫୋନ କଲେ ଭାଇକୁ ଘରୁ ତଡିଦେଲୁ? କ'ଣ ବୁଝିଲେ କେଜାଣି! ଦିଲ୍ଲୀରେ ପଢୁଥିବା ଭାଇର ଝିଅର ଫୋନରେ ଧମକ, ଭାଉଜର ଭାଇ ଜୟପୁରରୁ ଫୋନରେ ଧମ, ଦିଲ୍ଲୀ ଆଉ ଆଉ ଜାଗାରୁ ରାତିସାରା ଧମକପୂର୍ଣ୍ଣ ଫୋନ କଲ। କାହିଁକି ରଖିଲ ନି, ଘରୁ ତଡିଦେଲ? ଆଶ୍ଚର୍ଯ୍ୟ ଭିକାରୀ ପରି ତଡିଦେଲ କିଆଁ କହି ବାପା ବଂଶ ବୁଡିଯାଉ ବୋଲି ଅଭିଶାପ ବି ଦେଲେ। ଆରେ ଦୋଷରେ ଥିଲେ ତ କ'ଣ ହେବ? ଭାଇଟା ବି କିଛିଦିନ ପରେ ଆରପାରିକୁ ବି ଗଲେ। ଅନ୍ୟ ତିନିଭାଇ ପ୍ରତିକ୍ରିୟାଶୂନ୍ୟ। ଇତିଶ୍ରୀ ବାପଘର ସମ୍ପର୍କ। ତୁଚ୍ଛା ତୁଚ୍ଛାରେ ଏତେ ଘଟଣା ଘଟିଗଲା! ସତରେ ସମ୍ପର୍କ ଗୁଡିକ କେତେ ସରୁସୂତା! ସମୟ କରାମତିରେ କିଏ କେତେବେଳେ କ'ଣ ନ ହୁଏ! ଆଖିରେ ଲୁହ ଆସିଗଲେ ଅବଶ୍ୟ କିଛି ଲାଘବ ହୁଏ ଦୁଃଖ। ପାଣି ହୋଇ ବହିଗଲେ ଦୁଃଖସବୁ ଅବଶ୍ୟ ଭଲ।

*ତପୋବନ, ଟିଟିଲାଗଡ଼, ବଲାଙ୍ଗିର*



---

# ଶେଷ ପାରାର ଉପନ୍ୟାସ ବନାମ ଉପନ୍ୟାସର ଶେଷ ପାରା




ବହିଟିର ସାମ୍ନା ସାମ୍ନି ହେଲେ ଏପରି ଧାରଣା ସ୍ପଷ୍ଟ ହୁଏ, ବହିଟି ଗୋଟିଏ ଚମତ୍କାର ଉପନ୍ୟାସ। ପ୍ରଚ୍ଛଦ ଲେଉଟାଇଲେ ଏ ଧାରଣାକୁ ମାତ ଦିଏ ଲେଖିକାଙ୍କ କଳାତ୍ମକ ଅଭିପ୍ରାୟିକତା, ଯେ ଉପନ୍ୟାସର ଉପଲବ୍ଧି ଦେଇଥିବା ପ୍ରଚ୍ଛଦଟି ଗୋଟିଏ ଗପ ବହିର ନାଁ। ମୁଁ ଉତ୍ତର ଆଧୁନିକତାର ସେପରି କିଛି କରିସ୍ମା ଏବେର ଗପ ବା କବିତାରେ ଦେଖେ ନାହିଁ। ମୋର ଉପଲବ୍ଧି ଯଥା ପୂର୍ବଂ ତଥା ପରଂ। ଗପର ପରିସୀମାକୁ ଆସିବି। ପରୀକ୍ଷା ନିରୀକ୍ଷା ଆଳରେ କିଛି ନୂଆ ତିଆରିବାର ନିଶା ମନ୍ଦ ନୁହେଁ, ମାତ୍ର ଦେଖାପ ସ୍ୱର, ବୋବାଲ ଭାଷା ଓ ଖଣ୍ଡିତ ପ୍ରବଣତାକୁ ନେଇ ଏକ ନୂଆ ସାହିତ୍ୟ ତିଆରିବାର ନିଶା କବିତା ଓ ଗଳ୍ପକୁ ଗୋଟିଏ ବିଭଙ୍ଗ ଦୁନିଆରେ ପହଞ୍ଚାଇ ଦେଇଛି। ଏ ପ୍ରବଣତା ନିଶ୍ଚୟ ଉତ୍ତର ଆଧୁନିକତା ନୁହେଁ। ଅଣୁ ଗଳ୍ପର ଟ୍ରେଣ୍ଡ ଫେଲ୍ ମାରିଛି, ଏବେ ସେ ପୁଣି ନିଜକୁ ପ୍ରତିବେଦିତ କରୁଛି ଅଳ୍ପ ଗଳ୍ପରେ। ତାର ସ୍ୱର କଥା କି କବିତା ଅନେକଙ୍କ ପାଇଁ ମନକୁ ନେବା ସହଜ ହେଉନାହିଁ।

ଉପନ୍ୟାସର ଶେଷ ପାରା ଗଳ୍ପ ସଂକଳନ ଏ ପରୀକ୍ଷା ନିରୀକ୍ଷା ଠାରୁ ବେଶ୍ ନିରାପଦ ଦୂରତାରେ... ଅନ୍ତତଃ ନିରୀକ୍ଷଣ କଳାପରେ ମୋର ଏହି ଧାରଣା ଆସେ। ୧୪୩ ପୃଷ୍ଠାର ବହିଟିରେ ଅଛି ୧୫ଟି ଗଳ୍ପ। ଏଥେନା ବୁକ୍ସ ପ୍ରକାଶନୀ ସଂସ୍ଥା ଦ୍ୱାରା ୨୦୧୮ ସମୟ ସୀମାରେ ପ୍ରକାଶିତ ଏହି ଗପ ବହିର ସମୟ ଗପ ଗୋଟିଏ ମସ୍ତ ଶିହରଣରେ ଆଲିଙ୍ଗିତ। ମୁହୂର୍ତ୍ତ ଭିତରେ ଆୟୁତ ଅବବୋଧର ଅଭିବ୍ୟକ୍ତି ହେଉଛି ଅଧିକାଂଶ ଗଳ୍ପର ପାଠକୀୟ ଆକର୍ଷଣ। ଯେଉଁ କଥା ଇତିହାସର ବ୍ୟାପ୍ତିବୋଧର ପ୍ରସଙ୍ଗ ନିଜର କଳାତ୍ମକ ଓ ରୋଚକ ରୀତିରେ ତାକୁ ଗାଳ୍ପିକା ଗୋଟିଏ ଗୋଟିଏ ସବଳ ଅଥଚ ସଂକ୍ଷିପ୍ତ ସମୟ ଭିତରେ ଉତ୍ତରିତ କରିଛନ୍ତି। ଗାଳ୍ପିକାଙ୍କ ସ୍ୱୀକାରୋକ୍ତି ମୋର ଏ ମତକୁ ଅଙ୍ଗୀକାର ଦେଇଛି... ତାହା ହେଲା 'ସେ ନୀରବତା ଯାହା ମନ୍ତ୍ରଠାରୁ ପବିତ୍ର, ସେ ଏକାକୀପଣ ଯାହା ଭିତରେ ଈଶ୍ୱର ସୁସ୍ପଷ୍ଟ, ସେ ଭାଙ୍ଗିବାର ଶବ୍ଦ ଯାହା ମନ୍ଦିର ଗଢ଼ିବାର ନିଶାରେ ଅଛନ୍ନ ରଖେ ଯାବତ୍ ଜୀବନ, ସେହି ମୁହୂର୍ତ୍ତ ମାନଙ୍କୁ ଉତ୍ସର୍ଗ ମୋ ଗଳ୍ପ ସଂକଳ୍ପ "ଉପନ୍ୟାସର ଶେଷ ପାରା"। ଗଳ୍ପ ଗୁଡିକୁ ନିରୀକ୍ଷଣ କଳାପରେ ମନେ ହେଲା ଅଧିକାଂଶ ଗଳ୍ପ ନୀରବତା ଭିତରେ ଯେଉଁ ପ୍ରଗନ୍ଥ ଭାବକୁ ଆପଣେଇଛନ୍ତି ତାହା ଏ ଦୁନିଆର ଅଧିକାଂଶ ମଣିଷଙ୍କ ପ୍ରଚ୍ଛନ୍ନତା, ଯାହା ମନ୍ତ୍ରପରି ଓ ମନ୍ତ୍ରଠାରୁ ଅଧିକ ଓଜନଦାର ଓ ବିଶ୍ୱସ୍ତ, ବଶମ୍ବଦ ବି। ଗୋଟିଏ ଖିଆଲି ଏକକୀତ୍ର ବୋଧ ବୋଧିସତ୍ତ୍ୱଂକ ଏକାଗ୍ରତା ପରି ଗଳ୍ପର ଲକ୍ଷ୍ୟ ଓ ଉପଲକ୍ଷ୍ୟକୁ ବି ନିର୍ଦ୍ଧାରିତ କରିଛି। ଭାଙ୍ଗିଲେ ଗୋଟିଏ ସୃଜନପଣ ଉଧେଇବା ନିର୍ଧାର୍ଯ୍ୟ, ଗାଳ୍ପିକା ଏ ପ୍ରତ୍ୟୟରେ ବି ସ୍ନାତ କରାଇଛନ୍ତି ତାଙ୍କର ଅଧିକାଂଶ ସାମାଜିକ ସତ୍ତା ସର୍ବସ୍ୱ ଗଳ୍ପ ଗୁଡିକୁ। ମଣିଷ ପଣର ପରସ୍ତ ପରସ୍ତ ପଣିକିଆ ତାଙ୍କ ଗଳ୍ପର ଉଦ୍ଘାଟନ। ସମାଜ ଭିତରେ ମଣିଷ, ସମାଜ ବାହାରେ ମଣିଷର ନିଷ୍କପଟ ଶବ୍ଦଚିତ୍ର ହେଉଛି ତାଙ୍କ ଗଳ୍ପର ପୁରୁଷାର୍ଥ। ଏମାନେ ସମସ୍ତେ ଚରିତ୍ର ଭୂମିକାକୁ ଅଙ୍ଗୀକାର ଦେଇ ସାମ୍ନାକୁ ଆସିଛନ୍ତି, ବେଶ୍ ଉତ୍ତାପ ଓ ଉତ୍ତେଜନା ନେଇଏ ଯାହାର ଅଛି ଏକ ସାମାଜିକ ଦାୟବୋଧ।

ଲକ୍ଷ୍ୟ କରିଛି ଏକ ଅନାହତ ଓ ନିଷ୍କପଟ ସାମାଜିକ ଉତ୍ତର ଦାୟିତ୍ୱକୁ ଗାଳ୍ପିକା ଗଳ୍ପ ଗୁଡିକରେ ସାକାର କରିବା ପାଇଁ ଚରିତ୍ରଂକୁ ଦେଇଛନ୍ତି ଅଙ୍ଗୀକାର କରିବାର ଅମାପ ବାଧବାଧକତା। ସେଇ ଅନୁସାରେ ଚରିତ୍ର ଶୈଶବରୁ ପ୍ରବୁଦ୍ଧ ହୋଇଛନ୍ତି ଓ କାହାଣୀ ଏହି ଭିତରେ ଆପଣେଇଛି ଏକ ନିଆରା ମର୍ଯ୍ୟାଦାବୋଧ। ଏପରି ଜଣେ ଅସାମାନ୍ୟ ଓ କଥାକୁ ନିଜ ବାଗରେ ଥୋଇବାର ନିଆରାପଣରେ ଆତୁରିତା, ଗାଳ୍ପିକାଂକୁ ସାମ୍ନାକୁ ଆଣିବାକୁ ଆଉ ଅଧିକ ସଂଶୟ ରଖିବା ଅନୁଚିତ ଲାଗେ। ଏ ଗାଳ୍ପିକା ହେଲେ ଗପ ଲେଖିବା ଆଳରେ ଆମକୁ କଥା ଓ ଚରିତ୍ର ଦେଇ ଅମାପ ଆନନ୍ଦ ଓ ବିବିଧ ଉପଲବ୍ଧିରେ ସ୍ନାତ କରାଇଥିବା ସାଂପ୍ରତିକ କାଳଖଣ୍ଡର କଥାବକ୍ତା.. ଡକ୍ଟର ମୌସୁମୀ ପରିଡା।

ନିଷ୍କର୍ଷରେ ଏତିକି କହିବି ଯେ.. ମୌସୁମୀଙ୍କ କଥାକୁହା ପ୍ରବଣତାରେ ଅଛି ଏକଶୀଳ ଶୀତଳ ସ୍ପର୍ଶ, ଅଥଚ ପ୍ରତିକ୍ରିୟାରେ ତାହା ବହ୍ନିର ତାତି ଠାରୁ କିଛି କମ୍ ଉତ୍ତପ୍ତ ଓ ଉତ୍ତେଜକ ନୁହେଁ। ତାଙ୍କ ଅଧିକାଂଶ ଗଳ୍ପର ଶେଷ ପାରା ପାଠକଙ୍କୁ ମଗ୍ନ କରିଦିଏ ଅସୁମାରି ବିବସତାରେ, ଯାହା ଗୋଟିଏ ଉପନ୍ୟାସର ବୃହତ୍ ଭାବନା ଠାରୁ ଊଣା ନୁହେଁ।

ଗପ ବହିଟି ସମ୍ପର୍କରେ ମୋର ଏ କାହାଣୀ, କେତେ ସତ, କେତେ ଅତିଶୟୋକ୍ତି ଆଛନ୍ନ... ଅନୁଶୀଳନ ପାଇଁ ଆପଣଙ୍କୁ ଯିବାକୁ ପଡିବ ମୌସୁମୀଙ୍କ "ଉପନ୍ୟାସର ଶେଷପାରା" କାହାଣୀ ଭିତରକୁ।

*ସମୀକ୍ଷକ - ଡ. ନୃସିଂହ ଷଡଙ୍ଗୀ*
*ପ୍ରଫେସର - ଓଡ଼ିଆ ବିଭାଗ*
*ମହାନଦୀ ବିହାର, କଟକ*

---

# ଝଡ଼

ରସାନନ୍ଦ ସାହୁ



ଗୋଟେ ଗୁମୁରି ଗୁମୁରି
କାନ୍ଦ କାନ୍ଦ ଖାଁ ଖାଁ
ଥମ୍‌ଥମ୍ ବାଦଲରୁ ପଡ଼ିହୁଏ
ଗୋଟେ ଆସନ୍ନଝରେ
ଜାତକ।

ଯଦିଓ ମାପିହୁଏନି ତୀବ୍ରତା
ଶଙ୍କାକୁ ଚପି ଆତଙ୍କରେ
ପହଞ୍ଚିବା ପୂର୍ବରୁ
ସମ୍ଭାଳିବାକୁ ପଡେ
ଗୋଟେ ଅଲିଖିତ ଚୁକ୍ତି
ସନ୍ଧିପତ୍ରରେ।

ବୟସ ସାଙ୍ଗେ ବଢୁଥାଏ
ସନ୍ଧିପତ୍ରର ସଂଖ୍ୟା।

ପୁଣି ସ୍ୱାଭାବିକ ପକ୍ଷୀଙ୍କ କାକଳି
ସ୍ୱାଭାବିକ ସ୍ୱପ୍ନ
ସ୍ୱାଭାବିକ ରମଣ।

ଯେବେ କିନ୍ତୁ ବିନା ନୋଟିସ୍‌ରେ
ଚ'କପ୍‌ରେ ଝଡହୁଏ ତ
କିଛି ଘଟିବା ଆଗରୁ
ଅନେକ କିଛି ଓଲଟ ପାଲଟ
ହେଇ ସାରିଥାଏ
କେବେ କେବେ ଜାଣତରେ ତ
କେବେ କେବେ ଅଜାଣତରେ!

ହେଲେ ...
ପ୍ରତିରୋଧ କି ପ୍ରତିକାର ବେଳେ
ଶବ୍ଦମାନେ ଗୁଳିହୀନ ବନ୍ଧୁକ ପରି
ଅଭିଧାନର ଏରୁଣ୍ଡିବନ୍ଧ ଡେଇଁ
ଆସିପାରନ୍ତି ଓଠକୁ!



ଇଡିଯାଏ ଚ ....
ଟିପୟ, ଲୁଗାପଟା, ଚଟାଣ ସାରା...
କ୍ଷତମାନ ଚଅଁରି ଯାଉଥାନ୍ତି
କଳିଜାରୁ ସାରାଦେହ।

ଗୋଟେ ଅସ୍ୱାଭାବିକ ଶବ୍ଦରେ
ଚମକି ପଡିଲା ବେଳେ
ଟୁକୁରା ଟୁକୁରା ହେଇ ସାରିଥାଏ
ବିଚରା ସେରାମିକ୍ କପ୍।

ଭଙ୍ଗା କପରୁ
ଯନ୍ତ୍ରଣା ସୋତିକି
ଠିଆ ହୋଇଥାଏ ଦାରୁଭୂତ
ପାଳଭୂତ।

*ପ୍ଲଟ ନଂ-୪୯୯/୧୪୮୬*
*ସାଇବିହାର, ଟଙ୍କପାଣି ରୋଡ୍,*
*ଭୁବନେଶ୍ୱର-୭୫୧୦୧୮*
*ଦୂରଭାଷ : ୯୪୩୯୫୮୩୬୭୮*

---

# ଅପହଞ୍ଚ



ପାରମିତା ଷଡଙ୍ଗୀ

ଅଦୃଶ୍ୟ ଜଗତରେ
ସ୍ୱପ୍ନଟିଏ ସାଉଁଟିଲା ବେଳକୁ
ଅବୁଝା ହୋଇଯାଏ
ପାହାନ୍ତିଆ ପହରର କବିତାଟି
ପରିତ୍ୟକ୍ତ ବାସି ଖବରଟେ ପରି
ମୋ ମନ ଭିତରେ ଜାଗାଟିଏ ନ ଥାଏ ଯେମିତି

ପଥର ଫାଙ୍କରେ ଚୁପ୍‌ଚାପ୍ ନଦୀଟି
ଖୁବ ଏକା
ତା ଲୁହରେ ଯେମିତି ବହି ଚାଲିଥାଏ
ଅପହଞ୍ଚ ସମୟର ମୋହ



ଦୌଡୁଥିବା ପାଦ ଚିହ୍ନ ଭିତରେ
ବିସ୍ତାରିତ ନିରବତାକୁ ନେଇ
ଅତୀତର କେଉଁ ଏକ କୋଣରୁ
ଶୁଭିଯାଏ ତୁମ ସ୍ୱର
କାହାକୁ ରଖିବି ବା କାହାକୁ ଛାଡିବି
ସବୁ କବାଟ ଝରକା ବନ୍ଦ ଯେତେବେଳେ

ବଞ୍ଚିବାର ବୀଜଟିଏ ଗଢ଼ି ଚାଲିଛି
ମେଘର ହାତୀ, ଘୋଡା ଓ ମୋ ମା'ର ମୁହଁ

ଏ ଜୀଇବା ପଣ
ଏ ଲୋଡିବା ପଣ
ଆଉ କେତେ ଗୁଡିଏ ଅସରନ୍ତି ପ୍ରଶ୍ନ ସହ
ଆଗକୁ ଆଗକୁ ମାଡି ଚାଲୁଛି
ଅନ୍ଧାର ଭିତରେ
ଜରୁରୀ ନୁହେଁ ଯେ
ମୋ ପାଇଁ କେହି ଜଣେ
ରଖିଦେବ ଜହ୍ନକୁ ଏଇଠି

କେତେ ଚାଲାକ ଏ ସମୟଟା
ଦେଖ ତ ମୋତେ
ନିତି ନୂଆ ସକାଳଟେ ଦେଇ
ମୋ ଠୁ ମୋ ବୟସଟାକୁ
ଛଡ଼ାଇ ନେବାରେ ଲାଗିଛି।

*ମୁମ୍ବାଇ*
*ଦୂରଭାଷ : ୮୮୫୦୧୯୯୩୪୯*

---








ଶ୍ରୀମାନ ରିତେଶ
ଷ୍ଟାଣ୍ଡାର୍ଡ-୪
ସରସ୍ୱତୀ ଶିଶୁ ମନ୍ଦିର
ୟୁନିଟ୍-୮, ଭୁବନେଶ୍ୱର





ପ୍ରଦ୍ୟୁତ୍ ରାଉଳ
ଷ୍ଟାଣ୍ଡାର୍ଡ-୫
କ୍ୟାମ୍ବ୍ରିଜ୍ ସ୍କୁଲ
ମୁମ୍ବାଇ

# ଜନସଚେତନତା ମାଧ୍ୟମରେ ସ୍ତନ କର୍କଟ ରୋକାଯାଇ ପାରିବ : ମନ୍ତ୍ରୀ

**ଭୁବନେଶ୍ୱର :** ସ୍ତନକର୍କଟ ଭଳି ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଏହାର ଭୟାବହତା ସମ୍ପର୍କରେ ଆମେ ସମସ୍ତେ ଅବଗତ। ତେବେ ଚିକିତ୍ସା ବିଜ୍ଞାନର ଉନ୍ନତି ଓ ଅଗ୍ରଗତି ସହ ଏହାର ନିଦାନ ସମ୍ଭବ ହୋଇପାରିଛି। ପ୍ରାଥମିକ ଅବସ୍ଥାରେ ରୋଗ ଚିହ୍ନଟ, ଉପଯୁକ୍ତ ପରୀକ୍ଷା, ସଠିକ୍ ଚିକିତ୍ସା, ଔଷଧ ସେବନ ଓ ସୁଷମ ପୁଷ୍ଟିକର ଖାଦ୍ୟ ଦ୍ୱାରା ଏହାକୁ ରୋକାଯାଇପାରିବ। ଏ କ୍ଷେତ୍ରରେ ଜନସଚେତନତା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ପ୍ରକାଶ କରିଛନ୍ତି। କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି, ଓଡ଼ିଶା ଷ୍ଟେଟ କାଉନସିଲ, ଆମ୍ରି ହସପିଟାଲ ଓ ନୋଭାର୍ଟିସ୍ ଫାର୍ମା ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ସ୍ତନ କର୍କଟ ସମ୍ପର୍କିତ ଓଡ଼ିଶା ରିଜିଓନାଲ ରାଉଣ୍ଡ ଟେବୁଲ୍ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ଆଜି ମୋ ସରକାର କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ସମସ୍ତ ଜନସାଧାରଣଙ୍କୁ ଉନ୍ନତ ମାନର ଚିକିତ୍ସା ସେବା ଯୋଗାଇଦେବା ପାଇଁ ସରକାର ତତ୍ପର ଅଛନ୍ତି। ସରକାର ଆଗାମୀ ଦିନରେ ଜିଲ୍ଲାସ୍ତରରେ କର୍କଟ ରୋଗ ନିରୂପଣ କେନ୍ଦ୍ର ଓ ଚିକିତ୍ସା ବ୍ୟବସ୍ଥା ପାଇଁ ଯୋଜନା କରିଛନ୍ତି। ସରକାର ଝାରସୁଗୁଡ଼ା ଠାରେ ପିପିପି ମୋଡ଼ରେ କର୍କଟ ନିଦାନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଘରୋଇ ମେଡ଼ିକାଲରେ କର୍କଟ ଚିକିତ୍ସା ଖର୍ଚ୍ଚ ବ୍ୟୟବହୁଳ ହୋଇଥିବାବେଳେ ସରକାରଙ୍କ ନୂତନ ଯୋଜନା ଦ୍ୱାରା ସମସ୍ତେ ଏହାର ସୁଫଳ ପାଇପାରିବେ। ଏହି ଅବସରରେ ସ୍ୱାଗତ ଭାଷଣ ପ୍ରଦାନ କରି ସିଆଇଆଇ, ଓଡ଼ିଶା ଷ୍ଟେଟ୍ କାଉନସିଲର ଉପାଧକ୍ଷ ପ୍ରଦୀପ୍ତ ମହାନ୍ତି କହିଲେ ଯେ, ଏଭଳି ଏକ ରାଉଣ୍ଡ ଟେବୁଲ ବୈଠକ ଦ୍ୱାରା ପ୍ରମୁଖ ଯୋଜନା ପ୍ରଣୟନକାରୀ, ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ସଂସ୍ଥା ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କିପରି ସ୍ତନ କର୍କଟ ଭଳି ମାରାତ୍ମକ ବ୍ୟାଧିକୁ ରୋକାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇପାରିବ ଏବଂ ଏହାର ନିରାକରଣ ବାହାରିପାରିବ। ବୈଠକରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ଆର.ଆର. ଶତପଥୀ କହିଲେ ଯେ ଭାରତରେ ସ୍ତନ କର୍କଟ ତା'ର କାୟା ବିସ୍ତାର କରିସାରିଛି। ପ୍ରାୟ ୫୪ ପ୍ରତିଶତ ଭାରତୀୟ ମହିଳା ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଆଡ଼ଭାନ୍ସ ଷ୍ଟେଜରେ ପହଂଚି ସାରିଥିବାବେଳେ ୩୦ ପ୍ରତିଶତ ଅତି ମାରାତ୍ମକ ଅବସ୍ଥାକୁ ଆସିଯାଉଛନ୍ତି। ୪୦ବର୍ଷ ବୟସରୁ ଅଧିକ ବୟସର ମହିଳାମାନଙ୍କ କ୍ଷେତ୍ରରେ ସ୍ତନ କର୍କଟର ଆଶଙ୍କା ଅଧିକ। ମୋଟାପଣ, ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ସଚେତନତାର ଅଭାବ ଯୋଗୁଁ ଏହାର ପ୍ରାଦୁର୍ଭାବ ବୃଦ୍ଧି ପାଉଥାଏ। ସର୍ବଭାରତୀୟ ସ୍ତରଠାରୁ ଓଡ଼ିଶାରେ ସ୍ତନ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଖୁବ ଅଧିକ। ହାରାହାରି ଭାବେ ୨୮ଜଣ ମହିଳାଙ୍କ ମଧ୍ୟରୁ ଜଣଙ୍କଠାରେ ଜୀବନକାଳ ମଧ୍ୟରେ ସ୍ତନ କର୍କଟ ହେବାର ସମ୍ଭାବନା ରହିଛି। ସହରାଂଚଳରେ ଏହି ହାର ୨୨ ଜଣରେ ଜଣେ ଥିବାବେଳେ ଗ୍ରାମାଂଚଳରେ ୬୦ ଜଣଙ୍କ ମଧ୍ୟରୁ ଜଣଙ୍କ ଠାରେ ଏହି ରୋଗର ସମ୍ଭାବନା ରହିଛି। ଏହି କାର୍ଯ୍ୟକ୍ରମରେ ନୋଭାର୍ଟିସ୍ ଫାର୍ମାର ଯୋଜନା ଓ ମାଧ୍ୟମ ମୁଖ୍ୟ ପ୍ରଭାତ କୁମାର ସିହ୍ନା, ଡା. ସତ୍ୟ ଅଗ୍ରୱାଲ, ଡା. ଦିନେଶ ପେଣ୍ଡାରକର ପ୍ରମୁଖ ଉପସ୍ଥିତ ରହି ସ୍ତନ କର୍କଟର ନିଦାନ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ଆମ୍ରି ହସପିଟାଲର ୟୁନିଟ୍ ହେଡ ଡା. ଅନୁଜ ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁସେବା ଅନୁଷ୍ଠାନ ଗୁଡ଼ିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଶିଶୁ କଲ୍ୟାଣ ଅନୁଷ୍ଠାନ ଗୁଡିକର ଉନ୍ନତି ଓ ପିଲାମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ଶିଶୁ କଲ୍ୟାଣ ପ୍ରତିଷ୍ଠାନ ଗୁଡିକରେ ରହୁଥିବା ଶିଶୁମାନଙ୍କ ମଙ୍ଗଳ ପାଇଁ ରେଡକ୍ରସ ସୋସାଇଟି ଜରିଆରେ ୧୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ। ଗଞ୍ଜାମ, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ, କେନ୍ଦୁଝର ଓ ସମ୍ବଲପୁର ଭଳି ଜିଲ୍ଲାମାନଙ୍କର ଅତିରିକ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେହି ଜିଲ୍ଲାମାନଙ୍କ ପାଇଁ ଅଧିକ ୧୦ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଦୀପାବଳି ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ସ୍ଥିତ ଏସଓଏସ୍ ଭିଲେଜ୍ ପରିଦର୍ଶନ କରି ପିଲାମାନଙ୍କ ସହିତ ଦୀପାବଳି ପାଳନ କରିଥିଲେ। ୫- ଟି କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ରାଜ୍ୟର ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳ ମାନଙ୍କୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଶିଶୁ ସେବା ଅନୁଷ୍ଠାନ ଯଥା ଅନାଥାଶ୍ରମ, ଭିନ୍ନକ୍ଷମ ପିଲାମାନଙ୍କ ସ୍କୁଲ ଇତ୍ୟାଦି ପରିଦର୍ଶନ କରି ପିଲାଙ୍କ ସହ ଦୀପାବଳି ଉତ୍ସବ ପାଳନ କରିବା ଏବଂ ପିଲାମାନଙ୍କ ଭଲମନ୍ଦ ସଂପର୍କରେ ପଚାରି ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ମୁଖ୍ୟ ସଚିବ, ଅନ୍ୟ ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଶିଶୁ ସେବା ଓ କଲ୍ୟାଣ ସଂସ୍ଥାଗୁଡିକ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ପରେ ଜିଲ୍ଲାପାଳମାନେ ଏହି ଶିଶୁ ସେବା ସଂସ୍ଥା ଗୁଡିକରେ ରହୁଥିବା ପିଲାମାନଙ୍କ ସହିତ ସେମାନଙ୍କର ଆବଶ୍ୟକତା ଓ ଭଲମନ୍ଦ ସଂପର୍କରେ ପଚାରି ବୁଝିଥିଲେ।

# ଆଇସିଡିଏସ୍ ପ୍ରକଳ୍ପ ଦ୍ୱାରା ସାରା ରାଜ୍ୟରେ ଛତୁଆ ବଣ୍ଟନ

**ଭୁବନେଶ୍ୱର :** ଟେକ୍ ହୋମ୍ ରାସନ୍ ବ୍ୟବସ୍ଥାରେ ଅଧିକ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ନିଷ୍ପତି କ୍ରମେ ନିର୍ଦ୍ଦିଷ୍ଟ ଦିନରେ ଛତୁଆ ମିଶ୍ରଣ ଓ ଛତୁଆ ବଣ୍ଟନ ଦ୍ୱାରା ବ୍ୟବସ୍ଥାରେ ଯଥେଷ୍ଟ ଅଧିକ ସ୍ୱଚ୍ଛତା ଏବଂ ଉତରଦାୟିତ୍ୱ ପରିଲକ୍ଷିତ ହୋଇଛି। ଏହି ପରିପ୍ରେକ୍ଷୀରେ ମାସର ୧ ତାରିଖରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ଆଇସିଡ଼ିଏସ୍ ପ୍ରକଳ୍ପ ଗୁଡ଼ିକର ହିତାଧିକାରୀମାନଙ୍କୁ ଛତୁଆ ବଣ୍ଟନ କରାଯାଇଛି। ଡି.ଏସ.ଡବ୍ଲୁ ଓ ସିଡ଼ିପିଓ, ଆଇସିଡ଼ିଏସ୍ ସୁପରଭାଇଜର, ମିଶନ ଶକ୍ତିର ଜିଲ୍ଲା ଏବଂ ବ୍ଲକ୍ ସଂଯୋଜକ ଏବଂ ମାତୃ କମିଟି ଓ ଯାଞ୍ଚ କମିଟି ମାନଙ୍କ ଉପସ୍ଥିତିରେ ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ଛତୁଆ ବଣ୍ଟନ କରାଯାଇଛି। ବିଭାଗ ପକ୍ଷରୁ ନିୟମିତ ଭାବେ ତଦାରଖ ଏବଂ ଯାଂଚ ହେଉଥିବାରୁ ଛତୁଆର ଗୁଣାତ୍ମକ ମାନ ଯଥେଷ୍ଟ ବୃଦ୍ଧି ପାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ଅତିରିକ୍ତ ପୁଷ୍ଟିସାଧନ ଲକ୍ଷ୍ୟରେ ୬ ମାସରୁ ୩ ବର୍ଷର ଶିଶୁମାନଙ୍କୁ ୨.୨ କେଜି ଛତୁଆ ଏବଂ ୧.୫ କେଜି ଶୁଖିଲା ଖାଦ୍ୟ, ୬ ମାସରୁ ୩ ବର୍ଷର ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କ ପାଇଁ ୪.୪ କେଜି ଛତୁଆ, ୮୩ଟି ଚିକି/ଲଡୁ, ଅତିଶୟ କମ୍ ଓଜନର ୩ ବର୍ଷରୁ ୬ ବର୍ଷର ଶିଶୁଙ୍କ ୧.୬ କେଜି ଛତୁଆ, ୪୨ଟି ଚିକି/ଲଡୁ, କିଶୋରୀମାନଙ୍କ ନିମନ୍ତେ ୩.୬ କେଜି ଛତୁଆ ୨୫ଟି ଚିକି/ଲଡୁ ଏବଂ ଗର୍ଭବତୀ ତଥା ପ୍ରସୂତୀ ମହିଳାମାନଙ୍କ ନିମନ୍ତେ ୪.୪ କେଜି ଛତୁଆ ଏବଂ ୨୫ଟି ଚିକି/ଲଡୁ ଯୋଗାଇ ଦିଆଯାଉଛି। ଏହି ବିତରଣ ପ୍ରକ୍ରିୟାର ସୁପରିଚାଳନାକୁ ତଦାରଖ କରିବା ନିମନ୍ତେ ବିଭାଗର ଯୁଗ୍ମ ସଚିବ, ଉପସଚିବ, ଅନୁସଚିବ ତଥା ପରାମର୍ଶଦାତାମାନେ ବିଭିନ୍ନ ଜିଲ୍ଲା ଗସ୍ତ କରିବା ସହ ଅଙ୍ଗନବାଡ଼ି କେନ୍ଦ୍ରର ପିଲାମାନଙ୍କୁ ଯୋଗାଇ ଦିଆଯାଇଥିବା ରନ୍ଧା ଖାଦ୍ୟର ମଧ ଗୁଣାତ୍ମକ ମାନ ଯାଞ୍ଚ କରିଛନ୍ତି। ନିର୍ଦ୍ଦିଷ୍ଟ ଦିନରେ ଛତୁଆ ବଣ୍ଟନ ଦ୍ୱାରା ପୁଷ୍ଟି ସାଧନ କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ସାଧନ ପାଇଁ ବିଭାଗ ପକ୍ଷରୁ ନିରନ୍ତର ଉଦ୍ୟମ କରାଯାଉଛି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି।

# ପୁରୀର ୫ ହଜାର ଲୋକଙ୍କୁ ୮୦.୬୮ କୋଟି ଋଣ ପ୍ରଦାନ କରାଯାଇଛି : ଧର୍ମେନ୍ଦ୍ର



**ପୁରୀ :** ପୁରୀ ଜିଲ୍ଲାରେ ମୋଟ ୪ ହଜାର ୮୮୨ ଜଣ କ୍ଷୁଦ୍ର, ମଧ୍ୟ ଓ ବଡ ବ୍ୟବସାୟ କରୁଥିବା ଲୋକ ମାନଙ୍କୁ ୮୦ କୋଟି ୬୮ ଲକ୍ଷ ଟଙ୍କା ଋଣ ବ୍ୟାଙ୍କ୍ ପକ୍ଷରୁ ଦିଆଯାଇଛି ବୋଲି ଗୁରୁବାର ପୁରୀ ଠାରେ ୟୁକୋ ବ୍ୟାଙ୍କ ତରଫରୁ ଆୟୋଜିତ ଗ୍ରାହକ ମେଳା କ୍ୟାମ୍ପରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବ୍ୟାଙ୍କ୍ ସହ ଗ୍ରାହକଙ୍କ ସମ୍ପର୍କ ସୂତ୍ର ପ୍ରସାରଣ ନିମନ୍ତେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାର ଋଣ ଦେବାର ବ୍ୟବସ୍ଥା କରି ଓଡିଶାର ବିଶେଷ ଭାବରେ ଫନୀ କ୍ଷତିଗ୍ରସ୍ତ ଶ୍ରୀକ୍ଷେତ୍ର ପୁରୀକୁ ଛିଡା କରିବାର ଦାୟିତ୍ୱ ନେଇଛନ୍ତି। ଖୁବ୍‌ଶୀଘ୍ର ପୁରୀ ଜିଲ୍ଲା ପାଇଁ ଆହୁରି ଅଧିକ ଋଣ ଦେବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ମୋବାଇଲ ବ୍ୟାଙ୍କିଂ ସେବାର ଲାଭ ନେବାକୁ ସେ ପରାମର୍ଶ ଦେବା ସହ ଏହା ଦ୍ୱାରା ମଧ୍ୟସ୍ଥି ମାନଙ୍କ ଭୂମିକା କମିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଗରିବ ପରିବାରରୁ ଆସିଥିବା ମୋଦି ସରକାର ବ୍ୟାଙ୍କିଂ କ୍ଷେତ୍ରରେ ବଡ ପରିବର୍ତ୍ତନ କରିଥିବା ବେଳେ ଭାରତୀୟ ବ୍ୟାଙ୍କ୍ ଗୁଡିକ ଗରିବ ଲୋକଙ୍କର ସାଥୀ ହୋଇପାରିଛି। ବର୍ତ୍ତମାନ ବ୍ୟାଙ୍କ୍ ଖାତା, ତିନି ମାସର ସକ୍ରିୟତା, ଆଧାର ନମ୍ବର ଓ ଟେଲିଫୋନ ଠିକଣା ଥିଲେ ବ୍ୟାଙ୍କ୍ ତଥା ଇ-ମୁଦ୍ରା ବା ଡିଜିଟାଲ୍ ପ୍ଲାଟଫର୍ମରେ ୩୦ ସେକେଣ୍ଡ୍ ମଧ୍ୟରେ ଜଣେ ଲୋକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ପାଇପାରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସାମାନ୍ୟ ଲୋକମାନଙ୍କୁ ଋଣ ସୁବିଧାରେ ମିଳୁ ଏହା ଭାରତ ସରକାରଙ୍କ ଲକ୍ଷ୍ୟ ରହିଛି। ସେ କହିଛନ୍ତି ଯେ ବ୍ୟାଙ୍କ୍ କେବଳ ଯେ ଧନୀକ ଶ୍ରେଣୀ ଲୋକ ବା ଥିଲା ବାଲାଙ୍କର ସେ ଯୁଗର ଅନ୍ତ ଘଟିଛି। ପୂର୍ବେ ଧନୀକ ଶ୍ରେଣୀର ଲୋକମାନଙ୍କର ବ୍ୟାଙ୍କ ଖାତା ଥିବା ବେଳେ ଏବେ ଗରିବରୁ ଗରିବ ଲୋକଙ୍କର ବ୍ୟାଙ୍କ୍ ଖାତା ରହିଛି। ନରେନ୍ଦ୍ର ମୋଦିଙ୍କ ସରକାର ହେଲା ପରେ ଗରିବ ଲୋକଙ୍କର ବ୍ୟାଙ୍କ୍ ଖାତା ଅଧିକ ଖୋଲାଯାଇଛି। ଏବେ ଗରିବରୁ ଗରିବ ଲୋକମାନେ ବ୍ୟାଙ୍କ୍ ଦ୍ୱାରା ଋଣ ଓ ଅନ୍ୟାନ୍ୟ ସୁବିଧା ପାଇପାରୁଛନ୍ତି ବୋଲି ସେ କହିଛନ୍ତି।

# ଭିନ୍ନକ୍ଷମ ବିଦ୍ୟାଳୟରେ ଶିକ୍ଷାଦାନ ଓ ମଧ୍ୟାହ୍ନ ଭୋଜନ ତଦାରଖ

**କେନ୍ଦ୍ରାପଡ଼ା:** ଭିନ୍ନକ୍ଷମ ବିଦ୍ୟାଳୟରେ ଶିକ୍ଷାଦାନ ଓ ମଧ୍ୟାହ୍ନ ଭୋଜନର ମାନ ତଦାରଖ କରାଯାଇଥିବା ଜଣାପଡିଛି। କେନ୍ଦ୍ରାପଡା ପୌରାଂଚଳ ମଧ୍ୟରେ ଥିବା ଦୁଇଟି ଭିନ୍ନକ୍ଷମ ବିଦ୍ୟାଳୟର ଶିକ୍ଷାଦାନ ଓ ବିଦ୍ୟାଳୟର କାର୍ଯ୍ୟପଦ୍ଧତି ସଂପର୍କରେ ଶୁକ୍ରବାର ତଦାରଖ କରାଯାଇଥିବା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ସହରର କଜଳାଠାରେ ଥିବା ନିମାଇଁ ଚରଣ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ଓ ଅଯୋଧ୍ୟାନଗରରେ ଥିବା ପୌରସଂସ୍ଥା ପରିଚାଳିତ ଦୃଷ୍ଟିବାଧିତ ଭିନ୍ନକ୍ଷମ ବିଦ୍ୟାଳୟକୁ ଯାଇ ତଦାରଖ କରିଥିଲେ। ପିଲାମାନଙ୍କ ପାଠପଢା, ଉପସ୍ଥାନ, ପରିବେଶର ସ୍ୱଚ୍ଛତା ତଦାରଖ କରିବା ସହ ମଧ୍ୟାହ୍ନ ଭୋଜନର ମାନ ପରୀକ୍ଷା କରି ପିଲାମାନଙ୍କ ସହ ଖାଦ୍ୟ ଗ୍ରହଣ କରିଥିଲେ। କଜଳା ଭିନ୍ନକ୍ଷମ ବିଦ୍ୟାଳୟରେ ୫୦ ପିଲାଙ୍କ ମଧ୍ୟରୁ ୪୪ ଜଣ ଉପସ୍ଥିତ ଥିବାବେଳେ ଅଯୋଧ୍ୟାନଗର ବିଦ୍ୟାଳୟରେ ୬୦ ଜଣ ପିଲାଙ୍କ ମଧ୍ୟରୁ ୪୨ ଜଣ ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେବେ ହେବ ...

ଟ୍ରାଫିକ୍ ସମସ୍ୟା ଏଭଳି ହେଲାଣି ଯେ, ବୟସ୍କ ବ୍ୟକ୍ତିମାନେ ଗାଡି ଖଣ୍ଡିଏ ଚଳାଇବାକୁ ଭୟ କରୁଛନ୍ତି। ଆଇନ ଅଛି, ହେଲେ ଯେଉଁ ଢଙ୍ଗରେ କାର୍ଯ୍ୟକାରୀ କରାଯିବା କଥା ତାହା ନହେବା ଫଳରେ ବେଆଇନ ପାର୍କିଂ କରୁଥିବା ବା ଅଯଥା ରାସ୍ତା ଉପରେ ଗାଡି ରଖି ଅନ୍ୟକୁ ଅସୁବିଧାରେ ପକାଉଥିବା ବ୍ୟକ୍ତିମାନେ ଆଦୌ ଡରୁନାହାନ୍ତି। ହେଲମେଟ୍ ଚେକିଂକୁ ଯେତିକି ଗୁରୁତ୍ୱ ଦିଆଯାଉଛି ବେଆଇନ ପାର୍କିଂ ଉପରେ ସେତିକି ଗୁରୁତ୍ୱ ଦିଆନଯିବା ଫଳରେ ସମସ୍ୟା ଦ୍ୱିଗୁଣିତ ହୋଇଚାଲିଛି। ପାର୍କିଂ ସମସ୍ୟାକୁ ନେଇ ରାଜଧାନୀବାସୀ ଅସନ୍ତୋଷ ପ୍ରକାଶ କରୁଥିଲେ ବି ସେମାନଙ୍କୁ ସମସ୍ୟାରୁ ମୁକ୍ତିଦେବା ପାଇଁ ପ୍ରଶାସନ ଯେଭଳି ଆଗେଇ ଆସିବା କଥା ତାହା ହୋଇପାରୁନାହିଁ। ବିଶେଷକରି ୟୁନିଟ୍-୧ ହାଟ ଓ ୟୁନିଟ୍-୨ ମାର୍କେଟ ବିଲ୍ଡିଂ ସମ୍ମୁଖ ରାସ୍ତା ଦେଖିଲେ ଏହାର ଜ୍ୱଳନ୍ତ ଉଦାହରଣ ମିଳିଯିବ। ଅନେକ ସ୍ଥାନରେ ବିଏମ୍‌ସି ରାସ୍ତା ନିଲାମ ଦେଇ ବେଆଇନ ଭାବେ ପାର୍କିଂ ଫି' ଆଦାୟ କରିବା ଚିନ୍ତାଜନକ। ରାସ୍ତା ଉପରେ ପାର୍କିଂ ଯୋଗୁଁ ଲୋକମାନେ ଚଳପ୍ରଚଳ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆନ୍ଦୋଳନ ହେଉ କି ଧର୍ମଘଟ କିମ୍ବା ବିବାହ ବରଯାତ୍ରୀ ରୋସଣୀ ବେଳେ ରାସ୍ତା ଗୁଡିକ ସମ୍ପୂର୍ଣ୍ଣ ଅବରୋଧ ହୋଇପଡୁଛି। ଜରୁରୀ କାର୍ଯ୍ୟ ହେଉ କିମ୍ବା ରୋଗୀଙ୍କୁ ହସ୍ପିଟାଲ ନେବା ସବୁ କ୍ଷେତ୍ରରେ ରାସ୍ତା ଅବରୋଧ ଯୋଗୁ ଭୟଙ୍କର ସମସ୍ୟା ଉପୁଜୁଛି। କେତେବେଳେ ଟ୍ରାଫିକ୍ ଜାମ ଯୋଗୁ ରୋଗୀର ପ୍ରାଣ ଚାଲିଯାଉଛି। ବଡବଡ ଅଟ୍ଟାଳିକା ନିର୍ମାଣ ନିମନ୍ତେ ବିଡିଏ ଯେଉଁ ପ୍ଲାନ ଦେଉଛି ସେତେବେଳେ ପାର୍କିଂ କରିବା ନେଇ ସେଭଳି କିଛି ସର୍ତ୍ତ ନ ରଖିବା ଦ୍ୱାରା ଏଭଳି ବେଆଇନ ପାର୍କିଂ ବଢ଼ିଚାଲିଛି। କେତେକ ସ୍ଥାନରେ ପାର୍କିଂ ଫି' ଉପରେ ରୋକ ଲାଗିଥିବା ସତ୍ତ୍ୱେ ସେଠାରେ ଜୋରଜବରଦସ୍ତ ଗାଳି ମାଲିକଙ୍କ ଠାରୁ ଫି' ଆଦାୟ କରାଯାଉଛି। ଏଭଳିକି ପାର୍କିଂ ଫି ଦେବା ନଦେବାକୁ ନେଇ ପ୍ରବଳ ଯୁକ୍ତିତର୍କ ଓ ଗଣ୍ଡଗୋଳ ମଧ୍ୟ ଘଟୁଛି। ଯେପର୍ଯ୍ୟନ୍ତ ବେଆଇନ ପାର୍କିଂ ଫି' ଆଦାୟ କରୁଥିବା ବ୍ୟକ୍ତି ଓ ପାର୍କିଂ କରୁଥିବା ବ୍ୟକ୍ତିଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆ ନଯିବା ସେ ପର୍ଯ୍ୟନ୍ତ ଏ ସମସ୍ୟାରୁ ମୁକ୍ତି ନାହିଁ। ତେଣୁ ପ୍ରଶାସନ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ଉଠୁଛି।

### ସ୍ୱର୍ଗଦ୍ୱାରରୁ ...

ଅତ୍ୟାଧୁନିକ ବ୍ୟବସ୍ଥା କରାଯିବ। ସବୁ ଋତୁରେ ସୁବିଧରେ ଶବଦାହ ପାଇଁ ସେଠାରେ ବ୍ୟବସ୍ଥା ହେବ। ଶବବାହକମାନଙ୍କ ପାଇଁ ବିଶ୍ରାମ କକ୍ଷଠୁ ଆରମ୍ଭ କରି ବ୍ୟାପକ ବୃକ୍ଷରୋପଣ, ଅସ୍ଥି ସଂଗ୍ରହ ଓ ଏହାର ସଂରକ୍ଷଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଏହି କାମ ଆରମ୍ଭର ୬ମାସ ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ବିଜୁବାବୁ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଅଛନ୍ତି। ସ୍ୱର୍ଗଦ୍ୱାରରେ ବିଜୁବାବୁଙ୍କ ଉଦ୍ଦେଶ୍ୟରେ ଯାହା କିଛି ଥିଲା ସେସବୁ ଏବେ ଓଡ଼ିଶାବାସୀଙ୍କ ସେବାରେ ଲାଗିବ। ସ୍ୱର୍ଗଦ୍ୱାରକୁ ବିଶ୍ୱାସର ପବିତ୍ର ଭୂମି ଭାବେ ବର୍ଣ୍ଣନା କରି ସେ ଏହାର ବିକାଶରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସୂଚନାଥାଉ କି, ସ୍ୱର୍ଗଦ୍ୱାରରେ ବିଜୁ ବାବୁଙ୍କ ସମାଧି ସ୍ଥଳୀ ନିର୍ମାଣ ପରଠୁ ୧୯୯୯ ଏହାକୁ ସ୍ଥାନୀୟ ଅଞ୍ଚଳର ୫ଜଣ ବ୍ୟକ୍ତି କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତଳକୋର୍ଟ ଏହି ଅବୈଧ ନିର୍ମାଣକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଜିଲ୍ଲା କୋର୍ଟ ତା'ଉପରେ ରହିତାଦେଶ ଜାରି କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୫ ମସିହାରେ ପୁଣିଥରେ ତଳକୋର୍ଟ କଡା ଆଭିମୁଖ୍ୟ ପୋଷଣ କରି ଏହି ବେଆଇନ ଭାବେ ସମାଧି ସ୍ଥଳ ନିର୍ମାଣକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଷଲ। ପୁରୀର ସୌନ୍ଦର୍ଯ୍ୟକରଣ ନାଁରେ ଏବେ ରାଜ୍ୟ ସରକାର ସବୁ ଲୋକଙ୍କ ଘର ଓ ଦୋକାନ ଭାଙ୍ଗୁଥିବା ବେଳେ ସମାଲୋଚନାରୁ ବର୍ତ୍ତିବା ପାଇଁ ସ୍ୱର୍ଗଦ୍ୱାରରେ ଥିବା ବିଜୁବାବୁଙ୍କ ୧୬୦୦ ଫୁଟ ପରିମିତ ସମାଧି ସ୍ଥଳୀକୁ ଭାଙ୍ଗିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି।

### ୩୦ରୁ ଝାଡଖଣ୍ଡ ...

ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଆଜି ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଆରୋରା ଝାଡଖଣ୍ଡ ନିର୍ବାଚନ ତାରିଖ ଘୋଷଣା କରି କହିଛନ୍ତି ଯେ, ଝାଡଖଣ୍ଡ ବିଧାନସଭାର କାର୍ଯ୍ୟକାଳ ୨୦୨୦ ଜାନୁଆରୀ ୫ରେ ଶେଷ ହେବ। ଏଥିପାଇଁ ପରବର୍ତ୍ତୀ ବିଧାନସଭା ଗଠନ କାର୍ଯ୍ୟ ଏହା ପୂର୍ବରୁ ଶେଷ ହେବ। ତେଣୁ ନିର୍ବାଚନ କମିଶନ ନଭେମ୍ବର ୩୦ରୁ ଝାଡଖଣ୍ଡରେ ଭୋଟିଂ ପ୍ରକ୍ରିୟା ଆରମ୍ଭ କରିବେ। ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ନଭେମ୍ବର ୩୦ରେ ୧୩ଟି ଆସନରେ ଭୋଟିଂ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦ଟି, ତୃତୀୟ ପର୍ଯ୍ୟାୟରେ ୧୭ଟି, ୪ର୍ଥ ପର୍ଯ୍ୟାୟରେ ୧୫ଟି ଓ ଶେଷ ପର୍ଯ୍ୟାୟରେ ୧୬ଟି ଆସନ ପାଇଁ ଲୋକମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଝାଡଖଣ୍ଡର ୧୯ଟି ଜିଲ୍ଲାକୁ ସମ୍ବେଦନଶୀଳ ଓ ୧୩ଟି ଜିଲ୍ଲାକୁ ଅତି ସମ୍ବେଦନଶୀଳ ଜିଲ୍ଲା ଭାବେ ଚିହ୍ନଟ କରାଯାଇଛି। ନକ୍ସଲଙ୍କ ଦବଦବା ଏହି ଅଞ୍ଚଳରେ ରହିଥିବାରୁ ଭୋଟିଂ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ଭାବେ ଶେଷ କରିବା ପାଇଁ ବଡ ଚ୍ୟାଲେଞ୍ଜ। ତେବେ ଲୋକଙ୍କ ସୁରକ୍ଷା ଓ ଗଣତନ୍ତ୍ରର ଏହି ମହାନ ପର୍ବରୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସମ୍ବେଦନଶୀଳ ଅଞ୍ଚଳ ଗୁଡିକରେ ବିପୁଳ ପରିମାଣର କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯିବ। ଏହି ନକ୍ସଲ ପ୍ରଭାବିତ ଅଞ୍ଚଳ ଗୁଡିକରେ ମୋଟ ୬୭ଟି ବିଧାନସଭା ଆସନ ରହିଛି। ଝାଡଖଣ୍ଡର ୮୧ଟି ବିଧାନସଭା ଆସନ ପାଇଁ ୨.୨୬ କୋଟି ଲୋକ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ପ୍ରଥମଥର ପାଇଁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ପୋଷ୍ଟାଲ ବାଲଟ ଜରିଆରେ ନିଜର ମତାଧିକାର ସାବ୍ୟସ୍ତ କରିବେ। ରାଜ୍ୟରେ ୮୦ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୨.୨୯ଲକ୍ଷ ଥିବା ବେଳେ ଦିବ୍ୟାଙ୍ଗଙ୍କ ସଂଖ୍ୟା ୨.୧୬ ଲକ୍ଷ ରହିଛି। ୨୦୦୦ ମସିହାରେ ବିହାର ଠାରୁ ଅଲଗା ହୋଇଥିବା ଝାଡଖଣ୍ଡରେ ୪ର୍ଥ ଥର ପାଇଁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ବର୍ତ୍ତମାନ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଝାଡଖଣ୍ଡରେ କ୍ଷମତାରେ ରହିଛି। ୨୦୧୪ରେ ବିଜେପି ୩୭ଟି ଆସନ ଜିତିଥିବା ବେଳେ ତା'ର ସହଯୋଗୀ ଅଲ ଝାଡଖଣ୍ଡ ଷ୍ଟୁଡେଣ୍ଟ ୟୁନିଅନ ୫ଟି ଆସନ ଦାଖଲ କରିଥିଲା। ଉଭୟ ଦଳ ମ୍ୟାଜିକ୍ ନମ୍ବର ୪୧ ମଧ୍ୟ ଛୁଇଁଥିଲେ ଏବଂ ରଘୁବୀର ଦାସ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ।

### ଆତଙ୍କବାଦ ...

ପୂରଣ କରିବାରେ ସହଯୋଗ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ଜର୍ମାନୀ ଚାନସେଲର ଆଞ୍ଜେଲା ମୋର୍କେଲଙ୍କ ନେତୃତ୍ୱାଧୀନ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ଜର୍ମାନୀ ଭାରତର ଭଲ ବନ୍ଧୁ ବୋଲି ସେ କହିଛନ୍ତି। ଖାଲି ୟୁରୋପ ନୁହେଁ, ସାରା ବିଶ୍ୱରେ ସବୁଠୁ ଅଧିକ ଦିନ ନେତୃତ୍ୱ ନେଇଥିବା ନେତା ମୋର୍କେଲ ବୋଲି କହିଛନ୍ତି ମୋଦି। ସେହିପରି ଭାରତ ସହ ଜର୍ମାନୀର ସମ୍ପର୍କ ବହୁତ ଭଲ, ଭାରତର ସଂସ୍କୃତି ଓ ବିବିଧତାରୁ ଅନେକ କିଛି ଶିଖିବାକୁ ମିଳେ ବୋଲି ମୋର୍କେଲ କହିଛନ୍ତି। ଶନିବାର ମର୍କେଲ ଗୁରଗାଓଁସ୍ଥିତ ମାନେସରଠାରେ କଣ୍ଟିନେଣ୍ଟାଲ୍ ଅଟୋମୋଟିଭ୍ କମ୍ପୋନେଣ୍ଟ୍‌ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପରିଦର୍ଶନ କରିଥିଲେ। ଏହାପରେ ଦ୍ୱାରକାସ୍ଥିତ ମେଟ୍ରୋ ଷ୍ଟେସନ୍ ବୁଲିଦେଖିଥିଲେ। ଦୁଇଦେଶ ମଧ୍ୟରେ ବିଶ୍ୱାସ ଓ ଆତ୍ମୀୟତା ଅତୁଟ ରଖିବା ପାଇଁ ମୋଦୀମର୍କେଲଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ହୋଇଛି ବୋଲି ବୈଦେଶିକ ବ୍ୟାପାର ବିଭାଗ ସୂତ୍ରରୁ ପ୍ରକାଶ। ଭାରତର ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ଜର୍ମାନ ପ୍ରମୁଖ ଅଂଶୀଦାର। ଗତ ସେପ୍ଟେମ୍ବରରେ ନ୍ୟୁୟର୍କରେ ଅନୁଷ୍ଠିତ ମିଳିତ ଜାତିସଂଘ ସାଧାରଣ ପରିଷଦ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଜର୍ମାନୀ ଚାନ୍ସେଲର ମର୍କେଲଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଥିଲା। ୨୦୧୮ ଏପ୍ରିଲରେ ମୋଦୀ ସ୍ୱିଡେନ୍ ଓ ବ୍ରିଟେନ୍ ଗସ୍ତରେ ଯାଇଥିବା ସମୟରେ ବର୍ଲିନରେ କିଛିକ୍ଷଣ ଅଟକି ମର୍କେଲଙ୍କୁ ଭେଟିଥିଲେ।

### ଜୀବନ ଯିବ ...

ଏହି ପ୍ରାକୃତିକ ଦୁର୍ବିପାକ ଭାରତରେ ମଧ୍ୟ ବିପର୍ଯ୍ୟୟ ସୃଷ୍ଟି କରିବ। ବିପର୍ଯ୍ୟୟ ପାଇଁ ଭାରତର ୩୧ନିୟୁତ ଲୋକ ଘୋର ସଙ୍କଟରେ ପଡ଼ିବେ ବୋଲି ପୂର୍ବରୁ ଆକଳନ କରାଯାଇଥିଲା। କିନ୍ତୁ ସାଟେଲାଇଟ ପ୍ରଦତ୍ତ ସୁନିର୍ଦ୍ଦିଷ୍ଟ ତଥ୍ୟ ଅନୁଯାୟୀ ଭାରତର ୩୬ନିୟୁତ ଅଧିବାସୀ ନିଜ ବାସସ୍ଥଳୀ ହରାଇବେ। ଯାହା ଆକଳନ କରାଯାଇଥିବା ତା'ର ତିନିଗୁଣ ଅଧିକ କ୍ଷତି ଘଟିବ ବୋଲି ସୂଚନା ପ୍ରଦାନ କରାଯାଇଛି। ବର୍ତ୍ତମାନ ସମୁଦ୍ର ଉପକୂଳରେ ଥିବା ପ୍ରାଚୀର ଓ ଉପକୂଳ ସଂଲଗ୍ନ ଅନ୍ୟାନ୍ୟ ଜମି ଉପରେ ୧୧୦ଲକ୍ଷ ଲୋକ ଜବରଦଖଲ କରି ବାସ କରୁଛନ୍ତି। ଏହାର ଅର୍ଥନୈତିକ ଓ ରାଜନୈତିକ ପ୍ରଭାବ ଏବେ ବଞ୍ଚିରହିଥିବା ଲୋକମାନେ ନିଜ ଜୀବଦ୍ଦଶାରେ ଭୋଗିବେ ବୋଲି ଏହି ସଙ୍ଗଠନ ଚେତାବନୀ ଦେଇଛି। ତେଣୁ ପ୍ୟାରିସ୍ ରାଜିନାମା କାର୍ଯ୍ୟକାରୀ କରିବା ନିହାତି ଜରୁରି। ବର୍ତ୍ତମାନ ଦୈନିକ ସାମୁଦ୍ରିକ ଢେଉ କୂଳ ଲଙ୍ଘନ କରିବା ଫଳରେ ଏସିଆ ଅନ୍ତର୍ଗତ ୮ଟି ଦେଶର ଅନ୍ୟୂନ ୧୦ ନିୟୁତ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି। ବିଂଶ ଶତାବ୍ଦୀରେ ସମୁଦ୍ର ଜଳପତ୍ତନ ୧୧-୧୬ ସେଣ୍ଟିମିଟର ବୃଦ୍ଧି ପାଇଥିଲା। ସବୁଦେଶ ସଚେତନ ନହେଲେ, ଏକବିଂଶ ଶତାବ୍ଦୀରେ ସମୁଦ୍ର ପତନ ପ୍ରାୟ ଦୁଇମିଟର ବୃଦ୍ଧି ପାଇବ। କେବଳ ବାଂଲାଦେଶ ଓ ଚୀନ୍‌ରେ ଯଥାକ୍ରମେ ୯୩ ଓ ୪୨ ନିୟୁତ ଲୋକ ବାସହରା ହୋଇଯିବେ ବୋଲି ଏହି ରିପୋର୍ଟରେ କୁହାଯାଇଛି।

### ଦାରିଦ୍ର୍ୟ ...

ଅତ୍ୟନ୍ତ ଆନନ୍ଦିତ ବୋଲି ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୋଭିନୀ ମୁଖାର୍ଜୀ ପ୍ରକାଶ କରିଥିଲେ। ସେ କହିଲେ ଯେ ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ସୁପରିଚାଳନା, ଦକ୍ଷତାବୃଦ୍ଧି ସହିତ ଜନସାଧାରଣଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଅଣିବା ଉପରେ ଗୁରୁତ୍ୱ ଦିଆଯିବ। ବାସ୍ତବ ତଥ୍ୟଭିତିକ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ ବୋଲି ସେ ଆଶାପ୍ରକାଶ କରିଥିଲେ। ରାଜ୍ୟ ସରକାର ଓ ଜେ-ପଲ୍ ଦକ୍ଷିଣ ଏସିଆ ନିୟମିତ ଭାବରେ ବିଭିନ୍ନ ନୀତି ଉପରେ ବାର୍ଷିକ ଆଲୋଚନା କରି ସରକାରଙ୍କ ପ୍ରାଥମିକତା କ୍ଷେତ୍ର ଚୟନ କରିବା ସହିତ ଆଲୋଚନା ଜରିଆରେ ତଥ୍ୟ ଆଦାନପ୍ରଦାନ କରିବା ଏବଂ ମିଳିତ ଭାବେ ଅଭିନବ ଉପାୟ ଅବଲମ୍ବନ କରିବା ସହିତ ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ କରି କାର୍ଯ୍ୟକ୍ରମ ଗୁଡିକର ମୂଲ୍ୟାଙ୍କନ କରିବେ। ପୁଷ୍ଟିହୀନତା, ମହିଳା ସଶକ୍ତିକରଣ, ଦାଦନ ଶ୍ରମିକ ସମସ୍ୟା, ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟଦକ୍ଷତା ଏବଂ କୃଷି ଉତ୍ପାଦକତା ଆଦି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ନୀତି ସଂପର୍କରେ ନିୟମିତ ଆଲୋଚନା କରାଯାଇ ସାଧାରଣଲୋକଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ, ଦକ୍ଷତାବୃଦ୍ଧି କର୍ତ୍ତୃପକ୍ଷଙ୍କ ଅଧକ୍ଷ, ମୋ ସ୍କୁଲ ଅଧକ୍ଷ, ମୁଖ୍ୟ ଶାସନ ସଚିବ, କୃଷି ଉତ୍ପାଦନ କମିଶନର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଜେ-ପଲ୍ ର ସହପ୍ରତିଷ୍ଠାତା ଅଭିଜିତ୍ ବାନାର୍ଜୀ ଓ ଏଷଥର୍ ଡଫଲୋ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



**ଖୋରଧା :** ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଦୁର୍ନୀତି ନିବାରଣ ବିଭାଗ ଭୁବନେଶ୍ୱର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିଲ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଖୋରଧା ଜିଲ୍ଲାପାଳ ସୀତାଂଶୁ କୁମାର ରାଉତ ସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଜୟ ପ୍ରତାପ ସ୍ୱାଇଁ ମୁଖ୍ୟବକ୍ତା ଭାବରେ ଖୋରଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅତର୍ଥନୀତି ବିଭାଗର ବରିଷ୍ଠ ଅଧାପକ ଶୁଭେନ୍ଦୁ ମହାନ୍ତି ଯୋଗ ଦେଇଥିବା ବେଳେ ଖୋରଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ତଥା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ଏହି ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଚ୍ଚୋଟତା ଏକ ଜୀବନ ଶୈଳୀ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରି ମୁଖ୍ୟ ବକ୍ତା ଶ୍ରୀ ମହାନ୍ତି କହିଥିଲେ ଯେ, ରାଷ୍ଟ୍ରର ପ୍ରଗତି ପଥରେ ଦୁର୍ନୀତି ଅନ୍ତରାୟ ସୃଷ୍ଟି କରୁଛି। ତେଣୁ ଛାତ୍ର ଛାତ୍ରୀମାନେ ଏବେ ଠାରୁ ସଚେତନତାକୁ ଏକ ଜୀବନ ଶୈଳୀରେ ପରିଣତ କରି ପାରିଲେ ଭବିଷ୍ୟତରେ ଏକ ଦୁର୍ନୀତି ମୁକ୍ତ ପ୍ରଗତି ଶୀଳ ରାଷ୍ଟ୍ର ଗଠନ ହୋଇପାରିବ। ମୁଖ୍ୟ ଅତିଥି ଜିଲ୍ଲାପାଳ ସୀତାଂଶୁ ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ ଅନ୍ୟାୟ କରିବା ଯେତିକି ପାପ ଅନ୍ୟାୟ ସହିବା ମଧ ସେତିକି ପାପ। ତେଣୁ ଛାତ୍ର ଛାତ୍ରୀମାନେ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଏକ ଦୁର୍ନୀତି ମୁକ୍ତ ସୁସ୍ଥ ସମାଜ ଗଠନ ରେ ନିଜକୁ ବ୍ରତି କରାନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ବିଭାଗ ଖୋରଧା ଶାଖାର ଇନିସପେକ୍ଟର ମନୋରଂଜନ ପାଇକରାୟ ଖୋରଧାର ବରିଷ୍ଠ ନାଗରିକ ବୁଦ୍ଧିଜୀବି ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ, ଗଣମାଧମର ପ୍ରତିନିଧିମାନେ ଏହି ସଭାରେ ଉପସ୍ଥିତି ଥିଲେ। ଶେଷରେ ଏହି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।



ଦେବାଶିଷ ଆଚାର୍ଯ୍ୟ

# କାର୍ତ୍ତିକ ମାସର ମହାତ୍ମ୍ୟ ଓ କାର୍ତ୍ତିକ ବ୍ରତକଥା





ପାରମ୍ପରିକ ଓଷା, ବ୍ରତ ଓ ମେଳା ପାଳନରେ ଓଡ଼ିଶା ସମଗ୍ର ଭାରତବର୍ଷରେ ବେଶ ଆଗରେ। ଓଡ଼ିଶାରେ ପାଳିତ ଓଷା ବ୍ରତମାନଙ୍କ ମଧ୍ୟରେ କାର୍ତ୍ତିକ ମାସରେ ପାଳନ କରାଯାଉଥିବା କାର୍ତ୍ତିକ ବ୍ରତ ବେଶ୍ ମହତ୍ୱ ରଖେ। ଓଡ଼ିଶାରେ ଅଗଣିତ ଦେବଦେବୀଙ୍କର ପୂଜା ଉପାସନା କରାଯାଇଥାଏ। ଗ୍ରାମମାନଙ୍କରେ ନିଜ ନିଜର ଗ୍ରାମ ଦେବତା ବା ଗ୍ରାମଦେବତୀ ପୂଜା ପାଇଥାନ୍ତି। ଗ୍ରାମ ଦେବତା ଓ ଗ୍ରାମ ଦେବତୀ ମାଟିର ମଣିଷ ପରି ସାଧାସିଧା। ସମସ୍ତଙ୍କ ପଛରେ ଥାଏ ନିଆରା କିମ୍ବଦନ୍ତୀ, ଭିନ୍ନ ଭିନ୍ନ ପରମ୍ପରା, ମେଳା ମଉଛବ। ଉତ୍କଳୀୟ ପର୍ବପର୍ବାଣୀ ଏହି ଦୃଷ୍ଟିରୁ ମହାଭାରତୀୟ ସ୍ରୋତରୁ ଭିନ୍ନ ନୁହେଁ। ବିଶେଷତଃ ପର୍ବପର୍ବାଣୀ, ଓଷାବ୍ରତ ଓ ଯାନିଯାତ୍ରା ତିଥି, ବାର, ନକ୍ଷତ୍ର ଆଧାରରେ ପାଳିତ ହୋଇଥାଏ। ଉତ୍କଳୀୟ ପର୍ବପର୍ବାଣୀ, ଓଷାବ୍ରତ ଗୁଡ଼ିକକୁ ମୁଖ୍ୟତଃ ୪ଟି ଭାଗରେ ଭାଗ କରାଯାଇଛି। ଯଥା ୧. ଶାସ୍ତ୍ରୀୟ, ୨. ଲୌକିକ, ୩. ଆଞ୍ଚଳିକ ଓ ୪. କୃଷି ଭିତ୍ତିକ। କୃତ୍ତିକା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚନ୍ଦ୍ର ମାସକୁ କାର୍ତ୍ତିକ ମାସ କୁହାଯାଏ। ପୌରାଣିକ ମତରେ ପରମପିତା ବ୍ରହ୍ମା ଦେବର୍ଷି ନାରଦଙ୍କୁ କାର୍ତ୍ତିକ ମାସ ବିଷୟରେ କହିଛନ୍ତି - ଦେବତାମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ତୀର୍ଥମାନଙ୍କ ମଧ୍ୟ ନାରାୟଣ ତୀର୍ଥ ବଦ୍ରିକା ଗ୍ରାମ ଏବଂ ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ମାସ ଶ୍ରେଷ୍ଠ ଅଟେ। ଏହା କଳି ଯୁଗରେ ଅତ୍ୟନ୍ତ ଦୁର୍ଲ୍ଲଭ। 'ନା କାର୍ତ୍ତିକ ସମୋ ମାସୋ ନ କୃତେନ ସମଂ ଯୁଗମ୍। ନ ବେଦ ସଦୃଶଂ ଶାସ୍ତ୍ରଂ ନ ତୀର୍ଥ ଗଙ୍ଗାୟ ସମମ୍।' ଅର୍ଥାତ୍ କାର୍ତ୍ତି ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ। ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗାପରି ତୀର୍ଥ ନାହିଁ। କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ମାସ। ଏହି କାର୍ତ୍ତିକ ପୂର୍ଣ୍ଣମୀରେ ଭଗବାନ ବିଷ୍ଣୁ ମତ୍ସ୍ୟ ରୂପ ଧାରଣ କରି ପୃଥିବୀକୁ ରକ୍ଷା କରିଥିଲେ। ଏହା ମଧ୍ୟ ଧର୍ମୀୟ ମାସ ହୋଇଥିବାରୁ ଗାଁରୁ ସହର ଯାଏଁ ସମସ୍ତ ନରନାରୀ ଏହାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି। କାର୍ତ୍ତିକମାସ ବ୍ରତ ମୁଖ୍ୟତଃ ବିଧବା ନାରୀମାନେ ପଳନ କରୁଥିବା ସ୍ଥଳେ ଏବେ ସଧବା ନାରୀ ଓ ପୁରୁଷମାନେ ମଧ୍ୟ ପାଳନ କରୁଥିବାର ଲକ୍ଷ୍ୟ କରାଯାଏ। ଏହି ଧର୍ମୀୟ ମାସ ମଧ୍ୟରେ ଦୀପାବଳୀରେ ଦୀପଦାନ, କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ, ରାଧା ଦାମୋଦର ପୂଜା, ବାଲୁଙ୍କା ପୂଜା ଇତ୍ୟାଦି ପୂଜା କରାଯାଏ। ଯେଉଁ ବ୍ରତଧାରୀ ହବିଷ୍ୟାଳୀମାନେ ମାସ ସାରା ବ୍ରତ ପାଳନ କରି ନପାରନ୍ତି ମାସର ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପୂର୍ଯ୍ୟନ୍ତ ଅତି ପବିତ୍ର ହୋଇଥିବାରୁ ଏହାକୁ ପାଳନ କରିଥାନ୍ତି। ଏହି ପାଞ୍ଚ ଦିନକୁ ଭୀଷ୍ମ ପଞ୍ଚକ, ବକ ପଞ୍ଚକ, ମହା ପଞ୍ଚକ ଇତ୍ୟାଦି କୁହାଯାଏ।

**କାର୍ତ୍ତିକ ବ୍ରତବିଧି :** ବର୍ଷର ବାରମାସ ମଧ୍ୟରୁ ବୈଶାଖ, ଆଷାଢ଼, କାର୍ତ୍ତିକ ଓ ମାଘମାସ ହେଉଛି ଅତି ପବିତ୍ର ତଥା ଧର୍ମମାସ। ଏହି ପବିତ୍ର ଚାରି ଧର୍ମମାସରେ କାର୍ତ୍ତିକ ମାସର ସ୍ଥାନ ସର୍ବଶ୍ରେଷ୍ଠ। ଆବାଳ ବୃଦ୍ଧବନିତା ଏହି ଧର୍ମୀୟ ମାସକୁ ବେଶ ନିଷ୍ଠାର ସହିତ ପାଳନ କରିଥାନ୍ତି। ପ୍ରତ୍ୟୁଷରୁ ସ୍ନାନ ସାରି ଦେବ ଦର୍ଶନ କରାଯାଏ। ବିଧବା ତଥା ସଧବା ନାରୀମାନେ ହବିଷ୍ୟ ପାଳନ କରିଥାନ୍ତି। ହବିଷ୍ୟ ପାଳନ କରୁଥିବା ମହିଳା ଓ ପୁରୁଷମାନେ ମାସ ସାରା ଆମିଷ ଭୋଜନ କରନ୍ତି ନାହିଁ। ସୂର୍ଯ୍ୟାସ୍ତ ପୂର୍ବରୁ ବିନା ପିଆଜ ରସୁଣରେ ପ୍ରସ୍ତୁତ ହବିଷାନ୍ନ ଭକ୍ଷଣ କରି ବ୍ରତ ରଖିଥାନ୍ତି। ହିନ୍ଦୁ ବ୍ରାହ୍ମଣ ଘରର ବିଧବା ନାରୀମାନଙ୍କ ପାଇଁ ହବିଷ୍ୟ ପାଳନ କରିବା ଏକ ବିଧି। ପ୍ରତ୍ୟୁଷରୁ ସ୍ନାନ ଓ ଦେବ ଦର୍ଶନ ପରେ ହବିଷ୍ୟାଳୀମାନେ ଏକାଠି ହୋଇ



ଚଉଁରା ମୂଳେ ରାଇ ଦାମୋଦରଙ୍କୁ ପୂଜା କରନ୍ତି। ତା ସହିତ କାର୍ତ୍ତିକ ମହାତ୍ମ୍ୟ ପଢ଼ନ୍ତି ଓ ଶ୍ରବଣ କରନ୍ତି। ସଂଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କାର୍ତ୍ତିକ ବ୍ରତର ଆଉ ଏକ ମହତ୍ୱପୂର୍ଣ୍ଣ ଅଙ୍ଗ। ଏହି ବ୍ରତ ପାଳନ ପାଇଁ ସାରା ଓଡ଼ିଶାର କୋଣ ଅନୁକୋଣରୁ ହବିଷ୍ୟାଳୀମାନେ ଆସି ଭୁବନେଶ୍ୱରରେ ବିନ୍ଦୁ ସାଗର ନିକଟରେ ତାଙ୍କର ବ୍ରତ ରଖିଥାନ୍ତି। ସେହିପରି ପବିତ୍ର ତୀର୍ଥକ୍ଷେତ୍ର ପୁରୀକୁ ବ୍ରତ ପାଇଁ ହବିଷ୍ୟାଳୀମାନେ ଧର୍ମୀୟ ମନୋଭାବ ନେଇ ଆସିଥାନ୍ତି। ହବିଷ୍ୟାଳୀମାନେ ଦୂରଦୂରାନ୍ତରୁ ଆସି ଥିବାରୁ ଓ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଓଡ଼ିଶା ରାଜ୍ୟ ସରକାର ଏମାନଙ୍କର ସୁବିଧା ପାଇଁ ଅସ୍ଥାୟୀ କ୍ୟାମ୍ପ ମାନ ସ୍ଥାପନ କରି ସୁବିଧା କରିଛନ୍ତି।

**କାର୍ତ୍ତିକରେ ଦୀପଦାନ :** କାର୍ତ୍ତିକ ମାକାସରେ ଦୀପଦାନ ବେଶ୍ ମହତ୍ୱପୂର୍ଣ୍ଣ ଅଟେ। ଏହି ମାସରେ ପବିତ୍ର ନଦୀରେ ସ୍ନାନ କରି ନଦୀ ନିକଟସ୍ଥ ମନ୍ଦିରରେ ଦୀପଦାନ କରିବା ସହିତ ଆକାଶକୁ ମଧ୍ୟ ବିଭିନ୍ନ ବାଣ ରୋଷଣୀ ଛଡ଼ାଯାଇଥାଏ। ଏହି ଦୀପଦାନ କାର୍ଯ୍ୟଟି ଶରତ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ପିତୃପୁରୁଷଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରଚ୍ଛନ୍ନ ପଥକୁ ଆଲୋକିତ କରିବା ସକାଶେ ସୁଉଚ୍ଚ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରାଯାଏ। ବିଶ୍ୱାସ ଅଛି ଯେ କାର୍ତ୍ତିକ ମାସରେ ଦୀପଦାନ କଲେ ଘରକୁ ଧନ ଆସେ। କାର୍ତ୍ତିକ ମାସରେ ଲକ୍ଷ୍ମୀଙ୍କୁ ଦୀପଦାନ କଲେ ମା'ଲକ୍ଷ୍ମୀ ଅନ୍ଧକାର ଦୂରକରି ଜୀବନକୁ ଆଲୋକିତ କରନ୍ତି। କାର୍ତ୍ତିକ ମାସରେ ମୃତ୍ୟୁ ବରଣ କଲେ ସ୍ୱର୍ଗପ୍ରାପ୍ତି ହୁଏ ବୋଲି ଲୋକବିଶ୍ୱାସ ରହିଛି।

**କାର୍ତ୍ତିକରେ ତୁଳସୀ ମହତ୍ୱ :** କାର୍ତ୍ତିକ ବ୍ରତ ସମୟରେ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନାଦି ସାରି ସୂର୍ଯ୍ୟଦେବଙ୍କୁ ଉପାସନା ଓ ତୁଳସୀ ଚଉଁରା ମୂଳେ ପାଣି ଚଢ଼ାଇଲେ ଅଶେଷ ପୁଣ୍ୟ ହୋଇଥାଏ। ଏକ ହଜାର ତୁଳସୀ ପତ୍ରରେ ଭଗବାନ ବିଷ୍ଣୁଙ୍କୁ ପୂଜା କଲେ ସେ ସନ୍ତୁଷ୍ଟ ହୋଇ ଅଶେଷ ବରଦାନ କରନ୍ତି ବୋଲି ବିଶ୍ୱାସ ଅଛି। ତୁଳସୀ ପତ୍ରକୁ ସେବନ କଲେ ଶରୀର ନିରୋଗ ରହେ।

**କାର୍ତ୍ତିକରେ ଦାନ :** ଏହି ମାସରେ ଗରୀବଙ୍କୁ ଓ ବ୍ରାହ୍ମଣମାନଙ୍କୁ ଦାନ କଲେ ବିଶେଷ ପୁଣ୍ୟ ହୁଏ ବୋଲି ଲୋକ ବିଶ୍ୱାସ କରନ୍ତି। ବ୍ୟକ୍ତି କାର୍ତ୍ତିକ ମାସର ଦିନମାନଙ୍କରେ ତୁଳସୀ ଦାସ, ଅନ୍ନଦାନ, ଗୋଦାନ ଇତ୍ୟାଦି ଦାନ କଲେ ସର୍ବାଧିକ ପୂଣ୍ୟ ପ୍ରାପ୍ତ ହୁଏ।

**କାର୍ତ୍ତିକରେ ବାଣିଜ୍ୟ ଶୁଭାରମ୍ଭ :** କାର୍ତ୍ତିକ ମାସରେ ବ୍ୟବସାୟର ଶୁଭାରମ୍ଭ କଲେ ବ୍ୟବସାୟ ପ୍ରତିଷ୍ଠିତ ହୁଏ ବୋଲି ବିଶ୍ୱାସ କରାଯାଏ। ଅତୀତରେ ଓଡ଼ିଆ ସାଧବ ପୁଅ କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ କରି ବିଦେଶକୁ ବ୍ୟବସାୟ ପାଇଁ ଯାଉଥିଲେ ଓ ଫେରିଲା ବେଳକୁ ସାଥିରେ ଅପର୍ଯ୍ୟାପ୍ତ ଧନଦୌଲତ ଘେନି ଫେରୁଥିଲେ। ତେଣୁ ଏହି ପୂର୍ଣ୍ଣମୀ ଦିନ ସାଧବ ବୋହୂମାନେ ତାଙ୍କ ସ୍ୱାମୀମାନଙ୍କର ଶୁଭ ମନାସୀ ବୋଇତ ବନ୍ଦାଣ କରି ସ୍ୱାମୀମାନଙ୍କୁ ବ୍ୟବସାୟ ପାଇଁ ମେଲାଣି ଦେଉଥିଲେ। ଯାହାକୁ ସ୍ମରଣୀୟ କରିବାକୁ ଆଜି ଆମ ଓଡ଼ିଶାର କଟକରେ ଗଡ଼ଗଡ଼ିଆ ଘାଟ ଓ ପାରାଦ୍ୱୀପରେ ବୋଇତ ବନ୍ଦାଣ ଉତ୍ସବରେ ପରିଣତ ହୋଇଛି। କାର୍ତ୍ତିକ ସୋମବାରରେ ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କୁ ପୂଜା କରାଯାଏ। ବିଶ୍ୱାସ ଅଛି ଯେ ଆଶୁତୋଷଙ୍କୁ ପୂଜା କଲେ, ରୋଗ, ଶୋକରୁ ମୁକ୍ତି ମିଳେ। କାର୍ତ୍ତିକ ପୂର୍ଣ୍ଣମୀ ଦିନ ଗଙ୍ଗାରେ ସ୍ନାନ ପରେ ଦୀପଦାନ କରି ହବିଷ ଭୋଜନ କଲେ ସବୁ କିଛି ସାଂସାରିକ ପାପତାପରୁ ମୁକ୍ତିମିଳେ। ଅନ୍ନ, ଧନ ଓ ବସ୍ତ୍ରଦାନ କଲେ ବେଶ୍ ପୁଣ୍ୟ ମିଳେ। ଶେଷରେ ବ୍ରତଧାରୀମାନେ ପୂର୍ଣ୍ଣମୀ ଦିନ ପୋଖରୀ ଓ ନଦୀରେ କଦଳୀ ପଟୁଆରେ ପାନଗୁଆ ଥୋଇ ଦୀପ ଜଳାଇ ବ୍ରତ ଭାଙ୍ଗିବା ପାଇଁ ଗାଇଥାନ୍ତି 'ଆ କା ମା ବୈ, ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧରମ ମୋର।'



*ଦକ୍ଷିଣରାଢ଼ସ, ବଳାଙ୍ଗ, ପୁରୀ*
*ଦୂରଭାଷ : ୯୭୭୬୮୨୫୦୯୪*

## ଓରମାସ୍ ତାଲିମପ୍ରାପ୍ତ ଯୁବବର୍ଗଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଉଛି : ମନ୍ତ୍ରୀ

**ଭୁବନେଶ୍ୱର:** ଓର୍‌ମାସ ସାରା ରାଜ୍ୟରେ ବେରୋଜଗାର ଯୁବକଯୁବତୀମାନଙ୍କୁ ଦକ୍ଷତା ବିକାଶ କରି ସେମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଇ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସଂପ୍ରତି ରାଜ୍ୟରେ ୭୫ଟି ସଂସ୍ଥା ସହଯୋଗରେ ୧୪୬ଟି ଭିନ୍ନ ଭିନ୍ନ ଟ୍ରେଡ୍‌ରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରୁଛି । ଗରିବ ପରିବାରର ୧୮ରୁ ୩୫ ବର୍ଷ ବୟସ୍କ ବେରୋଜଗାର ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ କରି ସେମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯାଉଛି ବୋଲି ପଂଚାୟତିରାଜ ଓ ପାନୀୟ ଜଳ, ଗୃହନିର୍ମାଣ ଓ ନଗର ଉନ୍ନୟନ, ଆଇନ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି । ଏଥିସହ ତାଲିମପ୍ରାପ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଦିଗରେ ମଧ୍ୟ ଓର୍‌ମାସ ତା'ର ପ୍ରୟାସ ଜାରି ରଖିଛି । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ବେରୋଜଗାର ଯୁବବର୍ଗଙ୍କୁ କର୍ମନିଯୁକ୍ତି ଦେଇ ସେମାନଙ୍କ ପରିବାର ମଧ୍ୟରେ ଏକ ନୂଆ ଆଶା ସଂଚର କରିଛି । ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାରୁ ୭୫୦ ଜଣ ଡିଡିୟୁ-ଜିକେୱାଇ ପ୍ରଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯିବା ସହ ସେମାନଙ୍କ ଦକ୍ଷତାର ବିକାଶ ଦିଗରେ ମଧ୍ୟ ଉଦ୍ୟମ କରାଯାଉଛି । ୨୦୧୪-୧୫ ମସିହାରୁ ଓଡ଼ିଶାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଦିଗରେ ଓଡ଼ିଶା ସାରା ଭାରତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏଥିପାଇଁ ୨୦୧୬-୧୭ ଏବଂ ୨୦୧୭-୧୮ ଓଡ଼ିଶାକୁ ଲଗାତାର ଦୁଇ ଥର ପାଇଁ କେନ୍ଦ୍ର ସରକାର, ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ସମ୍ମାନିତ କରିଛନ୍ତି । ସେହିପରି ୨୦୧୬-୧୭ ମସିହାରେ ଗ୍ରାମୀଣ ଦକ୍ଷତା ବିକାଶରେ ଶ୍ରେଷ୍ଠ ରାଜ୍ୟ ଭାବେ, ଉତ୍କର୍ଷ ସେବା ପାଇଁ ଯୁରୋପ ଇଣ୍ଡିଆ ଫାଉଣ୍ଡେସନ୍ ତରଫରୁ ମଧ୍ୟ ଓଡ଼ିଶାକୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶାରେ ଡିଡିୟୁ-ଜିକେୱାଇକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ସହ, ପିଆଇଏ (ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା)ମାନଙ୍କ ଜରିଆରେ ବର୍ତମାନ ସୁଦ୍ଧା ସାରା ରାଜ୍ୟରେ ଏକ ଲକ୍ଷ ୬୦ ହଜାର ବେକାର ଯୁବକଯୁବତୀଙ୍କୁ ତାଲିମ ଦିଆଯିବ ସହ ଏକ ଲକ୍ଷ ୨୦ ହଜାରଙ୍କୁ କର୍ମସଂସ୍ଥାନ ଯୋଗାଇ ଦିଆଯାଇଛି । ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଡିଡିୟୁ-ଜିକେୱାଇ ସ୍କିଲ୍ ଆଇକନ୍‌ଙ୍କୁ ମନ୍ତ୍ରୀ ଶ୍ରୀ ଜେନା ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂ, ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ମୃତିରଞ୍ଜନ ପ୍ରଧାନଙ୍କ ସମେତ ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥାର ପ୍ରତିନିଧି, କର୍ପୋରେଟ୍ ସଂସ୍ଥାର ପ୍ରତିନିଧି, ବୁଦ୍ଧିଜୀବୀ, ବିଭିନ୍ନ ରାଜ୍ୟରୁ ଗ୍ରାମୀଣ ଜୀବିକା ମିଶନର ଅଧିକାରୀ, ଶିଳ୍ପ ସଂସ୍ଥାର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

## 'ଜୟୀ ରାଜଗୁରୁଙ୍କୁ ଭାରତ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ମାନ୍ୟତା ମିଳୁ'

**ଖୋର୍ଦ୍ଧା :** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭାରତ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କର ୨୮୦ତମ ଜୟନ୍ତୀ ଶହୀଦ ଜୟୀ ରାଜଗୁରୁ ସ୍ମୃତି ସମାରୋହ ସମିତି ଆନୁକୂଲ୍ୟରେ ଜୟୀ ରାଜଗୁରୁ ସ୍ମୃତି ସଂସଦର ରାଜ୍ୟ ସଭାପତି ଶିକ୍ଷାବିତ୍ ଡକ୍ଟର ଧୀରେନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ସଭାପତି ଡକ୍ଟର ନନ୍ଦ ତାଙ୍କ ସ୍ୱାଗତ ଭାଷଣରେ କହିଲେ ଆଜି ପାଇକ ବିଦ୍ରୋହକୁ ୨୧୬ ବର୍ଷ ବିତିଯାଇଥିଲେ ମଧ୍ୟ ଆଜିର କେନ୍ଦ୍ର ସରକାର ସେହି ବୀର ପୁଙ୍ଗବ ତଥା ପାଇକ ମାନଙ୍କର ଅମ୍ଳାନ ଦିନର ମହାନ୍ ସ୍ମୃତି ଇତିହାସକୁ କାଳ କାଳ ପାଇଁ ଜୀବିତ କରି ରଖିବା ପାଇଁ ଏହି ଖୋର୍ଦ୍ଧାର ବରୁଣେଇ ପାହାଡର ପାଦ ଦେଶର ବିଶାଳ ଭୂଖଣ୍ଡରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଏବଂ ଇଣ୍ଡିଆନ ଅଏଲ୍ ଫାଉଣ୍ଡେସନ୍ ମିଳିତ ଭାବରେ ଶହ ଶହ କୋଟି ଟଙ୍କା ବ୍ୟୟ କରିବାକୁ ପ୍ରତିଶୃତି ବଦ୍ଧ। ସେଥିପାଇଁ ଖୋର୍ଦ୍ଧା ତଥା ଓଡିଶାର ଏହି ମହାନ ଗାଥାକୁ ମଳିନ ହେବାକୁ ନଦେଇ ଆଜିର ରାଜ୍ୟ ସରକାର ସମସ୍ତ ପ୍ରକାର ରାଜନୀତିରୁ ଉର୍ଦ୍ଧ୍ୱରେ ରହି କୋଟି କୋଟି ଓଡିଆଙ୍କ କୋହକୁ ଅନୁଭବ କରି ଓଡିଶା ସରକାର ସେଥିପାଇଁ ଯୋଗାଇ ଦେଇଥିବା ୧୦ ଏକର ଜମି ପରିବର୍ତେ ୧୦୦ ଏକରର ଭୂଖଣ୍ଡ ସେହି ଐତିହାସିକ ବରୁଣେଇର ପାଦ ଦେଶରେ ଯୋଗାଇ ଦିଅନ୍ତୁ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ତ୍ରିପାଠୀ ଜୟୀ ରାଜଗୁରୁଙ୍କର ଜୀବନାଦର୍ଶକୁ ମନେ ପକାଇ ଏକ ଭାବବିହ୍ୱୋଳ ଢଙ୍ଗରେ କହିଲେ ଯେଉଁମାନେ ଇଂରେଜ ମାନଙ୍କୁ କଡାକଡି ଭାବରେ ବିରୋଧ କରିଥିଲେ, ସେମାନଙ୍କୁ ଇଂରେଜମାନେ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରିଛନ୍ତି ଏବଂ ସେହି ଐତିହାସିକ ତଥ୍ୟ ସମୂହକୁ ଲୋକଲୋଚନକୁ ଆଣିବାକୁ ଦିଆଯାଇନାହିଁ। ବର୍ତମାନ ସମୟ ଆସିଛି ସେସବୁ ତଥ୍ୟ ସମୂହକୁ ପୁନରୁଦ୍ଧାର କରି ଏହି ବୀର ଜାତିର ପୂର୍ବ ଗୌରବକୁ ଫେରାଇ ଆଣିବାକୁ ହେବ। ଆଜିର କେନ୍ଦ୍ର ସରକାର ସେଥିପାଇଁ ଆଗେଇ ଆସିଥିବାରୁ ଆମେ ଗର୍ବିତ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ପରିବେଶବିତ ତଥା ସମାଜସେବୀ ଡକ୍ଟର ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ କହିଲେ ଜୟୀ ରାଜଗୁରୁ ନିଜର ମାଟି ମାଆ ତଥା ରାଜାଙ୍କୁ ରକ୍ଷା କରିବାକୁ ଯାଇ ଏକ ଅଜେୟ ଶକ୍ତି ବିରୋଧରେ ସଂଗ୍ରାମ ଚଳାଇ ଓଡ଼ିଶା ତଥା ଭାରତ ଇତିହାସରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଯାଇଛନ୍ତି। ତାଙ୍କଦ୍ୱାରା ଅନୁସୃତ ପନ୍ଥା ପରବର୍ତୀ ସମୟର ପାଇକ ବିଦ୍ରୋହକୁ ପ୍ରେରଣା ଯୋଗାଇଛି । ତାଙ୍କ ସଂଗ୍ରାମ ତଥା ଖୋରଧାକୁ ମୁକ୍ତ ଓ ସ୍ୱାଧୀନ କରିବାର ପ୍ରୟାସ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏକ ନୂତନ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଛି, ଯାହାକି ଏହି ବିଶାଳ ଭାରତ ବର୍ଷର ସ୍ୱାଧୀନତା ପାଇଁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ପରିଗଣିତ ହୋଇପାରିଛି ଏବଂ ସେହି ବୀର ଶହୀଦ ଜୟୀ ରାଜଗୁରୁଙ୍କୁ ଦେଶ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ବୋଲି ସରକାରୀ ଭାବେ ମାନ୍ୟତା ମିଳିବା ଉଚିତ। ଏହି ବୀରତ୍ୱର ବାର୍ତା ଆମର ପରପୀଢ଼ିମାନେ ଜାଣିଲେ ଏହି ଓଡିଆ ଜାତିର ଉତଥାନ ହୋଇପାରିବ। ସମ୍ମାନୀତ ଅତିଥି ଭାବରେ ଇଂ ଶାରଦା ପ୍ରସନ୍ନ ସ୍ୱାଇଁ ଯୋଗଦେଇ କହିଲେ ଜୟୀ ରାଜଗୁରୁଙ୍କ ଭଳି ସାହସୀ, ସ୍ୱାଭିମାନୀ ଯୋଦ୍ଧା ପୃଥିବୀ ଇତିହାସରେ ବିରଳ, କିନ୍ତୁ କ୍ଷୋଭର ବିଷୟ ତାଙ୍କ ସ୍ମୃତି ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ସେଭଳି କିଛି କାମ କରି ନାହାଁନ୍ତି। ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଜୟୀ ରାଜଗୁରୁ ସ୍ମୃତି ସଂସଦର ଶକ୍ତି ଶଙ୍କର ମିଶ୍ର, ଶିକ୍ଷାବିତ୍ ଡକ୍ଟର ବୃନ୍ଦାବନ ପଣ୍ଡା ଏବଂ ଇଂ ସୀତାକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଜୟୀ ରାଜଗୁରୁଙ୍କର ଅମ୍ଳାନ ଗାଥାକୁ ସ୍ମରଣ କରାଇ ଦେଇଥିବା ବେଳେ କବି ଅଖିଳେଶ ମହାପାତ୍ର ଓ ନୀଳାଦ୍ରୀନାଥ ଜଗଦେବ ପ୍ରମୁଖ ଜୟୀ ରାଜଗୁରୁଙ୍କ ଉପରେ ସ୍ୱରଚିତ କବିତା ପାଠକରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସମେତ ଖୋର୍ଦ୍ଧାର ବହୁ ବୁଦ୍ଧିଜିବୀ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସ୍ମୃତି ସଂସଦ ତରଫରୁ ସହରର ଗଡଖୋର୍ଦ୍ଧା ଛକଠାରେ ଅମର ଶହୀଦ୍‌ଙ୍କ ସମେତ ପଂଚ ପାଇକଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା।

# ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୪ - ୧୦ ନଭେମ୍ବର, ୨୦୧୯







## 'ଦୁର୍ନୀତି ବିରୋଧରେ ସ୍ୱର ଉଠାନ୍ତୁ ସାଧାରଣ ଲୋକ'



**ଭୁବନେଶ୍ୱର :** ରାଜ୍ୟରେ ଦୁର୍ନୀତି ନିବାରଣ ସଂସ୍ଥାକୁ ଅଧିକ ଶକ୍ତିଶାଳୀ ଓ ଦକ୍ଷ କରିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି । ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଯେ ଇତିମଧ୍ୟରେ ରାଉରକେଲା ଠାରେ ଦୁର୍ନୀତି ନିର୍ବାରଣ ଡିଭିଜନ୍ ପ୍ରତିଷ୍ଠା ଲାଗି ମଞ୍ଜୁର କରାଯାଇଛି । ଭିଜିଲାନ୍ସ ଅଧିକାରୀମାନେ ଯେପରି ମାମଲା ଗୁଡ଼ିକର ଦକ୍ଷତାର ସହ ତଦନ୍ତ କରିପାରିବେ ସେଥିପାଇଁ ରାଜଧାନୀରେ ଭିଜିଲାନ୍ସ ଏକାଡେମୀ ପ୍ରତିଷ୍ଠା କରାଯାଇଛି । ଦୁର୍ନୀତି ରୋକିବା କ୍ଷେତ୍ରରେ ଭିଜିଲାନ୍ସ ସଂସ୍ଥା ଯେଉଁଭଳି କାର୍ଯ୍ୟ କରୁଛି ତାହା ପ୍ରଶଂସନୀୟ । ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ମୂଳୋତ୍ପାଟନ କରି ସ୍ୱଚ୍ଛତା ବଜାୟ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଓଡିଶାବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୫ ଜଣ ଭିଜିଲାନ୍ସ ଅଧିକାରୀଙ୍କୁ ଆର୍ଥିକ ପୁରସ୍କାର ଓ ସାର୍ଟିଫିକେଟ୍ ଦେଇ ସମ୍ମାନିତ କରିଥିଲେ । ଏହା ବ୍ୟତୀତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ୧୦ ଜଣ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଭିଜିଲାନ୍ସ ଆଇ ଜି ପି. ଏସ୍ ରଣପିସେ ଏବଂ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

**ଭୁବନେଶ୍ୱର, (ପିଆଇବି):** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ ଆଞ୍ଚଳିକ ଜନସମ୍ପର୍କ ବ୍ୟୁରୋ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ଭୁବନେଶ୍ୱରର ଚକେଇଶିଆଣିସ୍ଥିତ ଡି.ଏନ କ୍ଲବ ପଡିଆରେ ଏକ ତିନିଦିନିଆ ଜନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡଙ୍ଗୀ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ଷଡଙ୍ଗୀ କହିଥିଲେ ଯେ, ଜନକଲ୍ୟାଣ ଉପରେ ପର୍ଯ୍ୟବସିତ ୩୬ଟି ବିଲ ପାସ ହେବା ଭାରତୀୟ ସଂସଦୀୟ ଇତିହାସରେ ଏକ ସର୍ବକାଳୀନ ରେକର୍ଡ । ତିନି ତଲାକ ଠାରୁ ଆରମ୍ଭ କରି ଜମ୍ମୁ ଓ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଭଳି ଐତିହାସିକ ଘଟଣାବଳୀ ଉପରେ ଆଧାରିତ ତିନିଦିନିଆ ପ୍ରଦର୍ଶନୀ ଆବାଳ ବୃଦ୍ଧବନିତାଙ୍କୁ ସଚେତନ କରାଇବାରେ ସହାୟକ ହେବ । ସେ ଦୃଷ୍ଟିରୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ଆଞ୍ଚଳିକ ଲୋକସମ୍ପର୍କ ବ୍ୟୁରୋର ପ୍ରୟାସ ଅଭିନନ୍ଦନୀୟ । ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଜନସାଧାରଣଙ୍କ ଆକୁଣ୍ଠ ସହଯୋଗ ଓ ସମର୍ଥନ ବଳରେ ହିଁ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ତଥା ବୁଦ୍ଧିଜିବୀ ହରପ୍ରସାଦ ଦାସ କହିଥିଲେ ଯେ, ସ୍ୱାଧୀନତା ପରେ ଦେଶୀୟ ରାଜ୍ୟଗୁଡିକୁ ଭାରତବର୍ଷରେ ମିଶାଇବା ପାଇଁ ସର୍ଦ୍ଦାର ପଟେଲଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଲୌହମାନବଙ୍କ ତ୍ୱରିତ ଓ କଠୋର ନିଷ୍ପତି ଯୋଗୁଁ ସମଗ୍ର ଦେଶରୁ ପ୍ରାୟ ୫୦୦ରୁ ଅଧିକ ଓ ଓଡିଶାର ୨୬ଟି ଗଡଜାତ ଅଞ୍ଚଳ ଦେଶରେ ସାମିଲ ହୋଇପାରିଥିଲା । ଜାତୀୟ ଐକ୍ୟ, ଉତ୍ପାଦକତା ଭଳି ବିଷୟଗୁଡିକ ଉପରେ ପ୍ରାଧାନ୍ୟ ଦେଇ ସର୍ଦ୍ଦାର ପଟେଲ ଗଭୀର ସ୍ୱର୍ଦ୍ଧାର ପ୍ରତୀକ ହୋଇପାରିଛନ୍ତି ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ । ଆଞ୍ଚଳିକ ଲୋକସମ୍ପର୍କ ବ୍ୟୁରୋର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମାରୋହରେ ପାଞ୍ଚ ନମ୍ବର ୱାର୍ଡର କର୍ପୋରେଟର ନିର୍ମଳ ରାଉତ, ଉତର ଭୁବନେଶ୍ୱରର ସାଂସଦ ପ୍ରତିନିଧି ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଏକତା ଦୌଡର ଆୟୋଜନ କରାଯାଇଥିଲା । ଏହି ତିନିଦିନିଆ ସମାରୋହରେ ରାଷ୍ଟ୍ରୀୟ ଏକତା ଦିବସ ଏବଂ କେନ୍ଦ୍ର ସରକାରଙ୍କ ପ୍ରମୁଖ ଯୋଜନା ସମ୍ପର୍କିତ ଏକ ବିଶାଳ ମଲ୍ଟିମିଡିଆ ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଏହି ପ୍ରଦର୍ଶନୀ ପ୍ରତ୍ୟହ ସକାଳ ୧୧ଟାରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ଖୋଲା ରହିବ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଗୀତ ଓ ନାଟକ ବିଭାଗର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସୂଚନା ଭିତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।



### ଡିଏସ୍‌ପି ର୍ୟାଙ୍କ ଅଫିସରଙ୍କ ଦୀକ୍ଷାନ୍ତ ସମାରୋହ

## ମୋ ସରକାର ଓ ୫-ଟି'କୁ ଗୁରୁତ୍ୱ

**ଭୁବନେଶ୍ୱର:** ସ୍ଥାନୀୟ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀ ପରିସରରେ ଗୁରୁବାର ପୂର୍ବାହ୍ଣରେ ନବନିଯୁକ୍ତ ଡିଏସ୍‌ପି ର୍ୟାଙ୍କ୍ ଅଧିକାରୀଙ୍କ ୨ୟ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ ତଥା ପାସିଂ ଆଉଟ୍ ପ୍ୟାରେଡ୍ ଅନୁଷ୍ଠିତ ହୋଇଛି । ଏହି ସମାରୋହରେ ୧୬ଜଣ ଡିଏସ୍‌ପି ର୍ୟାଙ୍କ ଅଧିକାରୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ୨ବର୍ଷର ପ୍ରଶିକ୍ଷଣ ପ୍ରଦାନ କରାଯିବା ପରେ ଏହି ପାସିଂ ଆଉଟ୍ ପ୍ୟାରେଡ୍ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିଜୟ କୁମାର ଶର୍ମା ଯୋଗ ଦେଇଥିଲେ । ଏହା ସହ ସେ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ପ୍ୟାରେଡ୍ ପରିଦର୍ଶନ କରିଛନ୍ତି । ଶ୍ରୀ ଶର୍ମା ତାଙ୍କ ବକ୍ତବ୍ୟରେ ନବନିଯୁକ୍ତ ପୁଲିସ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଜ କର୍ତ୍ତବ୍ୟକୁ ନିଷ୍ଠା ଓ ସାଧୁତାର ସହ ସମ୍ପାଦନ କରିବା ପାଇଁ କହିଛନ୍ତି । ସେହିପରି ପୁଲିସ-ଜନତା ମଧ୍ୟରେ ସମନ୍ୱୟ ରଖିବା ସହିତ ରାଜ୍ୟ ସରକାରଙ୍କ ୫-ଟିକୁ ଠିକ୍ ଭାବେ କାର୍ଯ୍ୟ କରିବାକୁ ପୁଲିସ ଡିଜି ଗୁରୁତ୍ୱ ଦେଇଛନ୍ତି । ଏହି ପାସିଂ ଆଉଟ୍ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ ନବନିଯୁକ୍ତ ଡିଏସ୍‌ପି ର୍ୟାଙ୍କର ଅଧିକାରୀଙ୍କ ୨୦୧୭ ମସିହା ଜୁଲାଇରୁ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା । ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ୨୦୧୫ରେ ଏହି ଅଧିକାରୀମାନେ ଉତ୍ତୀର୍ଣ୍ଣ ହେବା ପରେ ସେମାନଙ୍କୁ ଡିଏସ୍‌ପି ର୍ୟାଙ୍କ୍‌ରେ ସିଧାସଳଖ ଭର୍ତ୍ତି କରାଯାଇଥିଲା । ପ୍ରଥମ ସୋପାନରେ ଏହି ଅଧିକାରୀମାନେ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ ୧୦ ମାସର ପ୍ରଶିକ୍ଷଣ ନେଇଥିଲେ । ଏହି ପ୍ରଶିକ୍ଷଣ ନେବା ସମୟରେ ସେମାନେ କ୍ରିମିନାଲ ମେଜର ଆକ୍ଟ, ସ୍ପେଶାଲ ଏବଂ ଲୋକାଲ ଆଇନ, କ୍ରିମିନୋଲୋଜି, କ୍ରାଇମ ପ୍ରିଭେନସନ୍, ପୁଲିସ ଇନ୍ ମଡର୍ଣ୍ଣ ଇଣ୍ଡିଆ, ରିପବ୍ଲିକ ଅଫ୍ ଇଣ୍ଡିଆ, ପବ୍ଲିକ୍ ଅର୍ଡର, ଟ୍ରାଫିକ୍ ଏବଂ ସିକ୍ୟୁରିଟି, ଇନ୍‌ଭେଷ୍ଟିଗେସନ ଏବଂ ଟ୍ରାଏଲ ମେଥଡ ଓ ସ୍କିଲ, ମନୁଷ୍ୟ ବ୍ୟବହାର ଏବଂ ସମ୍ପର୍କ ପରିଚାଳନା, ଲିଗାଲ କନ୍‌ସେପ୍ଟ ଏବଂ ଭାରତୀୟ ସମ୍ବିଧାନ ବିଷୟରେ ଅଧିକାରୀମାନଙ୍କୁ ପଢ଼ାଯାଇଥିଲା । ଏହି ପ୍ରଶିକ୍ଷଣ ସରିବା ପରେ ୨୦୧୮ ମସିହା ଏପ୍ରିଲରେ ଅଧିକାରୀମାନଙ୍କ ଫାଇନାଲ ପରୀକ୍ଷା ହୋଇଥିଲା । ଏହାପରେ ଅଧିକାରୀମାନଙ୍କୁ ଆଣ୍ଟି-ଏକ୍ସଟ୍ରିମିଷ୍ଟ ଏବଂ ଟାକ୍ଟିକ କୋର୍ସ(ଏଇଟି) ଚନ୍ଦକା ସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ୨୦୧୮ ମସିହା ମେ ୧୬ତାରିଖରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ସରିବା ପରେ ୨୦୧୮ ସେପ୍ଟେମ୍ବର ୧୯ତାରିଖରୁ ୨୦୧୯ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀମାନଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପ୍ରାକ୍ଟିକାଲ ପ୍ରଶିକ୍ଷଣ ପାଇଁ ପଠାଯାଇଥିଲା । ପ୍ୟାରେଡ୍ ପରେ ପୁଲିସ ଡିଜି ଶ୍ରୀ ଶର୍ମା ଟ୍ରେନିଂ ପିରିୟଡର କୃତକାର୍ଯ୍ୟ ହୋଇଥିବା ଶ୍ରେଷ୍ଠ ଅଧିକାରୀମାନଙ୍କୁ ପୁରସ୍କାର ସମେତ ମେଡାଲ ପ୍ରଦାନ କରିଥିଲେ । ହିମାଂଶୁ ଭୂଷଣ ବେହେରାଙ୍କୁ ବେଷ୍ଟ୍ ପ୍ରୋବେସନର ପାଇଁ ଗଭର୍ଣ୍ଣର ମେଡାଲ ପ୍ରଦାନ କରାଯାଇଛି । ଏହାସହ ଇନ୍‌ଡୋର ବିଷୟ ଗୁଡ଼ିକରେ ଭଲ କରିଥିବାରୁ ଶ୍ରୀ ବେହେରାଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ରାଜ୍ୟ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ପ୍ରୋବେସନରମାନଙ୍କ ପରିବାରବର୍ଗ ଓ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀର କର୍ମଚାରୀମାନେ ଉପସ୍ଥିତ ଥିଲେ ।



## ଲୋକଙ୍କ ପାଖକୁ ଯାଅ, ସେବା କର : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାଲିଆ ସାହିଠାରେ ଜନସମ୍ପର୍କ ଅଭିଯାନର ଉଦଯାପନୀ ଉତ୍ସବରେ ଯୋଗଦେଇ ବିଜେଡ଼ି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକମାନଙ୍କ ପାଖକୁ ଯାଇ ସେମାନଙ୍କର ସେବା କରବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ସମାଜସେବୀ ସହିତ ଏକ ସ୍ୱଚ୍ଛ, ସବୁଜ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ । ରକ୍ତ ଦାନ ଠାରୁ ଆରମ୍ଭ କରି ବୃକ୍ଷ ରୋପଣ ପର୍ଯ୍ୟନ୍ତ ଓ ପ୍ରବାସୀ ଓଡ଼ିଆଙ୍କୁ ଅସୁବିଧା ସମୟରେ କିପରି ସହଯୋଗର ହାତ ବଢ଼ାଯାଇ ପାରିବ ସେଥିପାଇଁ ମୁଖ୍ୟମନ୍ତ୍ରୀ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଉତ୍ତର ଭୁବନେଶ୍ୱର ନିର୍ବାନ ମଣ୍ଡଳୀ ଅନ୍ତର୍ଗତ ୨୫ଟି ୱାର୍ଡ଼ ଓ ୫ ଗୋଟି ପଂଚାୟତରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ କର୍ମୀ ଯୋଗଦାନ କରିଥିଲେ । ବିଭିନ୍ନ ପ୍ରକାର ଆଦିବାସୀ ନୃତ୍ୟ, ଘୋଡ଼ାନାଚ ଓ ସଂକୀର୍ତନ ମଣ୍ଡଳୀର ସହିତ କର୍ମୀମାନେ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସୁଦାମ ମାରାଣ୍ଡୀ, ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାଶବର୍ମା, ବିଧାୟକ ପ୍ରଦୀପ୍ତ ପାଣିଗ୍ରାହୀ, ବିଧାୟକ ଚିଲିକା ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ପ୍ରଶାନ୍ତ ଗଜଦେବ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରଣବ ବଳବନ୍ତରାୟ, ଯୁବନେତା ବିଜୟ ନାଏକ, ଅମରେଶ ପତ୍ରୀ, ଚିନ୍ମୟ ସାହୁ, କୁନ ବିହାରୀ ଦାଶ, ସଂଗ୍ରାମ କେଶରୀ ପାଇକରାୟ, ଦୁର୍ଗା ସାମନ୍ତରାୟ, ବିରଞ୍ଚି ନାରାୟଣ ମହାସୁପକାର, ରାଣା ପ୍ରତାପ ପାତ୍ର, ଅମରଜିତ ସେନାପତି, ଭାରତୀ ସିଂ, କଳ୍ପତରୁ ଓଝା ପ୍ରମୁଖ ଉଦବୋଧନ ଦେଇଥିଲେ । ଜିଲ୍ଲା ସଭାପତି ଅମରେଶ ଜେନା, ବିଜେଡ଼ି କାର୍ଯ୍ୟକାରୀ ସଭାପତି, ସୁବାସ ପାତ୍ର, ସମରେନ୍ଦ୍ର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପୂର୍ବତନ କର୍ପୋରେଟର ପ୍ରେମାନନ୍ଦ ଜେନା, ବାସନ୍ତି ସିଂ, ଝୁନୁବାଳା ଦେଇ, ସଂଜୟ ସେଠୀ, ନିର୍ମଳ ରାଉତ, ସମୀର ପ୍ରଧାନ, ମାନସୀ ସୁନ୍ଦରାୟ, ସୂର୍ଯ୍ୟକାନ୍ତି ଜେନା, କୁନାଲ ରାଉତ, ମିହୀର କୁମାର ରାଉତ, ହରିଶ ମୁର୍ମୁ, ମନୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## କଟକ ବାଲିଯାତ୍ରାକୁ ମିଳିବ ରାଜ୍ୟସ୍ତରୀୟ ମହୋତ୍ସବ ମାନ୍ୟତା

**ଭୁବନେଶ୍ୱର :** କଟକର ଐତିହାସିକ ବାଲିଯାତ୍ରାକୁ ରାଜ୍ୟସ୍ତରୀୟ ଉତ୍ସବର ମାନ୍ୟତା ଦିଆଯିବ । ଏହି ମେଳା ପାଇଁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବାର୍ଷିକ ୨୦ଲକ୍ଷ ଟଙ୍କାର ଅନୁଦାନ ଦେବ । ପର୍ଯ୍ୟଟନ ବିଭାଗର କ୍ୟାଲେଣ୍ଡରରେ କଟକ ବାଲିଯାତ୍ରା ସ୍ଥାନିତ ହେବା ସହିତ ବାର୍ଷିକ ୨୦ଲକ୍ଷ ଟଙ୍କା ଅନୁଦାନ ପାଇବ । ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଧ କଟକ ମହାନଗର ନିଗମକୁ ବାଲିଯାତ୍ରାର ଭିତିଭୂମି ବିକାଶ ନିମନ୍ତେ ପ୍ରତିବର୍ଷ ୫୦ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଚଳିତବର୍ଷ ବାଲିଯାତ୍ରାରେ ପାନୀୟଜଳ ଓ ପରିମଳ ବିଭାଗ ପକ୍ଷରୁ ୧୦୦ଟି ଅସ୍ଥାୟୀ ଶୌଚାଳୟ ଏବଂ ବିଶୁଦ୍ଧ ପିଇବାପାଣିର ବ୍ୟବସ୍ଥା ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି । ଶୁକ୍ରବାର ଲୋକସେବାଭବନ ଠାରେ କଟକ ବାଲିଯାତ୍ରା ସଂକ୍ରାନ୍ତରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ ମନ୍ତ୍ରୀ ଶ୍ରୀ ଜେନା ଏହା କହିଛନ୍ତି । ଏହି ବୈଠକରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉପସ୍ଥିତ ଥିଲେ ।



କଟକର ମହାନଦୀକୂଳରେ କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଅନୁଷ୍ଠିତ ହେଉଥିବା ଐତିହାସିକ, ପାରମ୍ପରିକ ଏବଂ ଉତ୍କଳର ଗୌରବମୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବହନ କରୁଥିବା ବାଲିଯାତ୍ରା ପ୍ରସ୍ତୁତି ସଂକ୍ରାନ୍ତରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକରି ଏହି ବାଲିଯାତ୍ରାକୁ ରାଜ୍ୟସ୍ତରୀୟ ମାନ୍ୟତା ଦେବାପାଇଁ ସ୍ଥିର ହୋଇଛି । ଏଥିସହିତ ଏହାକୁ ଏକ ଜାତୀୟ ମେଳାର ମାନ୍ୟତା ଦେବାନେଇ ଉଦ୍ୟମ କରାଯିବ । ଏତଦବ୍ୟତିତ ଜଳସମ୍ପଦ, ପୂର୍ତ, ସେତୁ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ମଧ ସମସ୍ତ ପ୍ରକାର ଆନୁଷଙ୍ଗିକ ସହଯୋଗ ଯୋଗାଇ ଦିଆଯିବ । କଟକ-ଭୁବନେଶ୍ୱର କମିଶନରେଟ ପୁଲିସ୍ ତରଫରୁ ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଏବଂ ଅଗ୍ନିଶମ, ଓଡ୍ରାଫ ଓ ଏନଡିଆରଏଫ୍ ପକ୍ଷରୁ ମଧ ସହଯୋଗ ପ୍ରଦାନ କରାଯିବ । ଏହି ବାଲିଯାତ୍ରାକୁ ସରସ ସୁନ୍ଦର କରିବାପାଇଁ ରାଜ୍ୟ ସରକାରଙ୍କର କୃଷି, ପଶୁସମ୍ପଦ, ଶିଳ୍ପ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବୟନଶିଳ୍ପ ବିଭାଗ ମେଳାରେ ଅଂଶଗ୍ରହଣ କରିବେ । ଏହି ବୈଠକରେ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ସଚିବ ବିଶାଳ ଦେବ, କେନ୍ଦ୍ରାଂଚଳ ଆରଡିସି ଅନୀଲ ସାମଲ, କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି, ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରେମ୍ କୁମାର ଝା, ଅଗ୍ନିଶମ ଅଧିକାରୀ, କଟକ ଡିସିପି, ସିଏମସି ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ,ଆଗାମୀ ନଭେମ୍ବର ୧୨ ତାରିଖରୁ ମହାନଦୀର ଗଡ଼ଗଡ଼ିଆ ଘାଟ କୂଳରେ କଟକର ଐତିହାସିକ ବାଲିଯାତ୍ରା ଆରମ୍ଭ ହେବ । ବାଲିଯାତ୍ରା ଏଥର ଆଠ ଦିନଧରି ଚାଲିବ ।

## ଏଣିକି ସବୁ ଆର୍‌ଟିଓ ଅଫିସରେ କରିହେବ ଡ୍ରାଇଭିଂ ଲାଇସେନ୍ସ

**ଭୁବନେଶ୍ୱର :** ଏଣିକି ରାଜ୍ୟର ଯେକୌଣସି ଆରଟିଓ ଅଫିସରୁ ଡ୍ରାଇଭିଂ ଲାଇସେନ୍ସ, ଲର୍ଣ୍ଣିଂ ଲାଇସେନ୍ସ ମିଳିପାରିବ । ଏଥିପାଇଁ ଆବେଦନକାରୀ ମାନେ ମଧ ଆବେଦନ କରିପାରିବେ । ଏହା ବ୍ୟତୀତ ଗାଡ଼ିର ରେଜିଷ୍ଟ୍ରେସନ ମଧ ହୋଇପାରିବ । ଏ ସମ୍ପର୍କରେ ପରିବହନ କମିଶନ ସଂସ୍ଥା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଆବେଦନକାରୀ ମାନେ ନିଜ ଅଂଚଳରେ ଥିବା ଆରଟିଓ ସଂସ୍ଥା ମାନଙ୍କରୁ ଏହି ବ୍ୟବସ୍ଥା ପାଇଁ ଆବେଦନ କରିପାରୁଥିଲେ । ୨ ମାସ ମଧ୍ୟରେ ୩ ଲକ୍ଷ ୫୧ ହଜାର ବ୍ୟକ୍ତିଙ୍କୁ ଲର୍ଣ୍ଣିଂ ଲାଇସେନ୍ସ ଦିଆଯାଇଛି । ସୂଚନାଯୋଗ୍ୟ ଯେ, ୨୦୧୮ ମସିହାରେ ସମୁଦାୟ ୩ ଲକ୍ଷ ୪୮ ହଜାର ବ୍ୟକ୍ତିଙ୍କୁ ଲର୍ଣ୍ଣିଂ ଲାଇସେନ୍ସ ଦିଆଯାଇଥିଲା ।




PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

PLOT FOR SALE@BHUBANESWAR

30ft Internal Road
Mouza : Pandiapada
Contact Immediately :
8658607286 / 8917571455
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି